
Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୧୮
Volum. - 21 ■ Issue No.- 18
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com
KOSHALA PRABAHA
କୋଶଳ ପ୍ରବାହ
R.N.I.No.: ODIODI/2000/03637 | ୧୪ ମାର୍ଚ୍ଚ - ୨୦ ମାର୍ଚ୍ଚ ୨୦୨୧ | 14 Mar - 20 Mar 2021 | Odia Weekly | 8 Pages | Rs.2/- only

# ଓଡିଶାର ୧୫ଟି ମାଓପ୍ରବଣ ଜିଲ୍ଲାକୁ ମିଳୁଛି ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା

**- ରାଜ୍ୟକୁ ଚାରି ବର୍ଷରେ ମିଳିଛି ୧୫୭.୫୮ କୋଟି ଟଙ୍କା**
**- ଦେଶର ୫୪ଟି ମାଓ ଉପଦ୍ରୁତ ଜିଲ୍ଲା ଏସ୍‌ଆରଇ ଯୋଜନାରେ ସାମିଲ**



ନୂଆଦିଲ୍ଲୀ, (ପିଆଇବି) : ଦେଶର ବାମପନ୍ଥୀ ଉଗ୍ରବାଦ ପ୍ରବଣ ଜିଲ୍ଲାଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସସିଏ) ଯୋଜନା ମାଧ୍ୟମରେ ବିଶେଷ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ବିଗତ ତିନି ବର୍ଷ ଏବଂ ଚ଼ଳିତ ବର୍ଷ ଓଡିଶାକୁ ମୋଟ ୧୫୭.୫୮ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟକୁ ୧୦ କୋଟି ଟଙ୍କା, ୨୦୧୮-୧୮ ଆର୍ଥିକ ବର୍ଷରେ ୬୬.୬୭ କୋଟି ଟଙ୍କା, ୨୦୧୯-୨୦ ଆର୍ଥିକ ବର୍ଷରେ ୬୬.୬୬ କୋଟି ଟଙ୍କା ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୧୪.୨୫ କୋଟି ଟଙ୍କା ମିଳିଛି ।

ବାମପନ୍ଥୀ ଉଗ୍ରବାଦ ପ୍ରବଣ ଜିଲ୍ଲାଗୁଡିକୁ ସୁରକ୍ଷା ସଂକ୍ରାନ୍ତ ବ୍ୟୟ (ଏସ୍‌ଆରଇ) ଯୋଜନାରେ ସାମିଲ କରାଯାଇଛି । ଏହି ଯୋଜନାକୁ ଏପ୍ରିଲ ୨୦୧୮ରେ ସମୀକ୍ଷା କରାଯାଇଥିଲା । ବର୍ତ୍ତମାନ, ଯୋଜନା ଅଧୀନରେ ଓଡିଶା, ଝାଡଖଣ୍ଡ, ଛତିଶଗଡ ଓ ଆନ୍ଧ୍ର ପ୍ରଦେଶର ୫୪ଟି ଜିଲ୍ଲାକୁ ସାମିଲ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ଯାହାକି ୦୧.୦୪.୨୦୧୮ ଠାରୁ ଲାଗୁ ହୋଇଛି । ଏପ୍ରିଲ ୨୦୧୮ ପୂର୍ବରୁ, ଏହିସବୁ ରାଜ୍ୟର ୬୪ଟି ଜିଲ୍ଲାକୁ ଏସଆରଇ ଯୋଜନାରେ ସାମିଲ କରାଯାଇଥିଲା ।

ବର୍ତ୍ତମାନ ଓଡିଶାର ୧୫ଟି ଜିଲ୍ଲା ଯଥା : ଅନୁଗୁଳ, ବରଗଡ, ବଲାଙ୍ଗିର, ବୌଦ୍ଧ, ଦେବଗଡ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ଏହି ଯୋଜନାରେ ସାମିଲ ହୋଇଛନ୍ତି । ବାମପନ୍ଥୀ ଉଗ୍ରବାଦ ପ୍ରବଣ ଜିଲ୍ଲା ହୋଇଥିବାରୁ ଏସବୁ ଜିଲ୍ଲାକୁ ସୁରକ୍ଷା ସଂକ୍ରାନ୍ତ ବ୍ୟୟ ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ତେବେ ଏହି ୧୫ଟି ଜିଲ୍ଲା ମଧ୍ୟରୁ ୭ଟି ଜିଲ୍ଲା ଯଥା ବୌଦ୍ଧ, ସମ୍ବଲପୁର, ନୟାଗଡ, ଅନୁଗୁଳ, ଦେବଗଡ, ନବରଙ୍ଗପୁର ଓ ସୁନ୍ଦରଗଡରେ ୨୦୨୦ ବର୍ଷରେ ଗୋଟିଏ ହେଲେ ମାଓ ହିଂସା ଘଟଣା ଘଟିନାହିଁ । ୨୦୧୮ ଏପ୍ରିଲ ପୂର୍ବରୁ ଓଡିଶାର ୧୯ ଜିଲ୍ଲା ଯଥା: ଗଜପତି, ଗଞ୍ଜାମ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, ସମ୍ବଲପୁର, ସୁନ୍ଦରଗଡ, ନୟାଗଡ, କନ୍ଧମାଳ, ଦେବଗଡ, ଯାଜପୁର, ଢେଙ୍କାନାଳ, କଳାହାଣ୍ଡି, ନୂଆପଡା, ବରଗଡ ଓ ବଲାଙ୍ଗିରକୁ ଏସ୍‌ଆରଇ ଯୋଜନାରେ ସାମିଲ କରାଯାଇଥିଲା । ବର୍ତ୍ତମାନ ଓଡିଶାର ୧୫ଟି ଜିଲ୍ଲା ବ୍ୟତୀତ ଆନ୍ଧ୍ରପ୍ରଦେଶର ୬ଟି, ଛତିଶଗଡର ୧୪ଟି, ଝାଡଖଣ୍ଡର ୧୯ଟିକୁ ମିଶାଇ ମୋଟ ୫୪ଟି ଜିଲ୍ଲାକୁ ଏସ୍‌ଆରଇ ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ଲୋକସଭାରେ ସୂଚ଼ନା ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜି. କିଷନ ରେଡ୍ଡୀ ।

## କ୍ରୀଡା ଓ ଯୁବ ବ୍ୟାପାର କ୍ଷେତ୍ରରେ ସହଯୋଗ ଲାଗି ଭାରତ ଓ ମାଳଦ୍ୱୀପ ମଧ୍ୟରେ ଏମଓୟୁକୁ କ୍ୟାବିନେଟ୍ ଅନୁମୋଦନ




ନୂଆଦିଲ୍ଲୀ, (ପିଆଇବି) : କ୍ରୀଡା ଏବଂ ଯୁବ ବ୍ୟାପାର କ୍ଷେତ୍ରରେ ଭାରତ ଓ ମାଳଦ୍ୱୀପ ମଧ୍ୟରେ ବୁଝାମଣାପତ୍ର (ଏମଓୟୁ) ସମ୍ପର୍କରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟକୁ ଅବଗତ କରାଯାଇଥିଲା । ଏହି ଏମଓୟୁ ଭାରତର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଏବଂ ମାଳଦ୍ୱୀପର ଯୁବବ୍ୟାପାର, କ୍ରୀଡା ଓ ଗୋଷ୍ଠୀ ସଶକ୍ତିକରଣ ମନ୍ତ୍ରଣାଳୟ ମଧ୍ୟରେ ନଭେମ୍ବର ୨୦୨୦ରେ ସ୍ୱାକ୍ଷରିତ ହୋଇଥିଲା ।

ଭାରତ ଓ ମାଳଦ୍ୱୀପ ମଧ୍ୟରେ କ୍ରୀଡା ଓ ଯୁବବ୍ୟାପାର କ୍ଷେତ୍ରରେ ଦ୍ୱିପାକ୍ଷିକ ବିନିମୟ କାର୍ଯ୍ୟକ୍ରମ ଫଳରେ କ୍ରୀଡା ବିଜ୍ଞାନ, କ୍ରୀଡା ଔଷଧ, ପ୍ରଶିକ୍ଷଣ କୌଶଳ, ଯୁବ ମହୋତ୍ସବ ଏବଂ କ୍ୟାମ୍ପରେ ଅଂଶଗ୍ରହଣ କ୍ଷେତ୍ରରେ ଜ୍ଞାନ ଓ ବିଶେଷଜ୍ଞତା ବୃଦ୍ଧି ପାଇବ । ଏହା ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡିକରେ ଆମର କ୍ରୀଡାବିତ ମାନଙ୍କର ପ୍ରଦର୍ଶନରେ ଉନ୍ନତି ଆଣିବା ସହିତ ଭାରତ ଓ ମାଳଦ୍ୱୀପ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃ ? କରିବ ।

ମାଳଦ୍ୱୀପ ସହିତ କ୍ରୀଡା ଓ ଯୁବ ବ୍ୟାପାର କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଜାତି, ଧର୍ମ, ବର୍ଣ୍ଣ ଏବଂ ଲିଙ୍ଗ ନିର୍ବିଶେଷରେ ସମସ୍ତ କ୍ରୀଡାବିତମାନଙ୍କ ପାଇଁ ସମାନ ଭାବେ ଲାଗୁ ହେବ ।

## ବଲାଙ୍ଗିରରେ ଜିଲ୍ଲା ସ୍ତରୀୟ କୃଷି ଓଡିଶା ୨୦୨୧ ଉଦଘାଟିତ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ କୃଷି ବିଭାଗ ପରିସର ଠାରେ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଉଦାଘାଟିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଏହି ମହୋତ୍ସବର ବିଧିବଦ୍ଧ ଉଦଘାଟନ କରିଛନ୍ତି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇ ପ୍ରାୟ ୧୦୦ ଜଣ ଚାଷୀଙ୍କୁ ପାଠଶାଳା କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ଫୁଲଚାଷ ଓ ମତ୍ସ୍ୟପାଳନ ନୂତନ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଂଚଳର ଚାଷୀମାନେ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ କୃଷି ବୈଜ୍ଞାନିକ ତଥା କୃଷି ଉଦ୍ୟୋଗୀମାନଙ୍କ ସୁଚ଼ିନ୍ତିତ ମତାମତ ଜାଣିବାକୁ ପାଇଥିଲେ । ଏହି କୃଷି ମହୋତ୍ସବରେ କୃଷି ବିଭାଗ, ଇଫକୋ, ଆଇସିଏଆରଡିଏ, ମିଲେଟ ମିଶନ, ଉଦ୍ୟାନ କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗ, ପ୍ରାଣୀସଂପଦ ବିଭାଗ, ମତ୍ସ୍ୟ ସଂପଦ ବିଭାଗ ଓ କୃଷି ଯନ୍ତ୍ରପାତିର ୧୦ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା । ତେବେ ବଲାଙ୍ଗିରର ପାଂଚ ଜଣ ଆଗୁଆ ଚାଷୀଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ କରାଯିବା ପାଇଁ ମନୋନୀତ କରାଯାଇଥିବା ବେଳେ ଲୋଇସିଂହା ବ୍ଲକ ମାଗୁରବେଡା ଗ୍ରାମର ଚ଼ାଷୀ ପ୍ରଦ୍ୟୁମ୍ନ ତେଜିଙ୍କୁ ଆଜି ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି । ଏହି ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ଦିଆଯାଇଛି ।

## ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢାଉ, ବିପୁଳ ପରିମାଣରେ ଗୁଟଖା ସାମଗ୍ରୀ ଜବତ




କଳାହାଣ୍ଡି, (ନିପ୍ର) : କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଂଚଳରେ ମ.ରାମପୁର ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢାଉ କରାଯାଇଥିଲା । ମ.ରାମପୁର ଠାରେ ଥିବା ବିଭିନ୍ନ ପାନମସଲା ଦୋକାନ ଗୁଡିକ ଉପରେ ଚ଼ଢାଉ କରାଯାଇ ବିପୁଳ ପରିମାଣରେ ଗୁଟଖା, ସିଗାରେଟ ଜବତ କରାଯାଇଥିବା ଜଣାଯାଇଛି । ତେବେ ଆଜିର ଏହି ଚ଼ଢାଉ ପରେ ପାନମସଲା ଦୋକାନୀଙ୍କ ମନରେ ଛନକା ପଶିଯାଇଥିବା ବେଳେ ସମୟ ବ୍ୟବଧାନରେ ନିୟମିତ ଏହିଭଳି ଚଢାଉ କରାଯିବା ଉଚ଼ିତ ବୋଲି ମତପ୍ରକାଶ ପାଇଛି । ଆଜିର ଏହି ଚଢାଉରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ସମେତଅବକାରୀ ଇନ୍ସପେକ୍ଟର ରଞ୍ଜୁଲତା ବାରିକ, ଏଏସଆଇ,ବିନୋଦିନୀ ମହାଲିଙ୍ଗ, ରବି ନାଗ, ଯୋଗେଶ୍ୱରୀ ନାଏକ, ମହାଦେବ ମାଝୀଙ୍କ ସମେତ ମ.ରାମପୁର ପୋଲିସ କର୍ମଚାରୀ ମାନେ ସହଯୋଗ କରିଥିଲେ ।

ତେବେ ଏହି ଚଢାଉରେ ସାଧାରଣ ଲୋକ ବେଶ୍ ଉଲ୍ଲସିତ ଥିବା ବେଳେ ସ୍ଥାନୀୟ ପାନଦୋକାନୀମାନଙ୍କ ମଧ୍ୟ ଖୁବ୍ ଅସନ୍ତୋଷ ପ୍ରକାଶ ପାଇଛି । ଯଦି ଆମ ପାଇଁ ନିୟମ, ତେବେ ଜିଲ୍ଲାର ସମସ୍ତ ପାନ ଦୋକାନ ଉପରେ ସେଭଳି ଚଢ଼ଉ କରାଯାଉ ଏବଂ ସେମାନଙ୍କ ସାମଗ୍ରୀ ମଧ୍ୟ ସାମଗ୍ରିକ ଭାବେ ଜବତ୍ କରାଯାଉ ବୋଲି କହିଛନ୍ତି ।

## ଆସନ୍ତା ଏପ୍ରିଲ ୧୭ରେ ହେବ ପିପିଲି ଉପନିର୍ବାଚନ




ଭୁବନେଶ୍ୱର, (ନିପ୍ର) : ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ପିପିଲି ଆସନ ମେଳା ପଡିଥିବା ବେଳେ ଆସନ୍ତା ଏପ୍ରିଲ ୧୭ରେ ହେବ ପିପିଲି ଉପ-ନିର୍ବାଚନ ବୋଲି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନାମାଙ୍କନ ଦାଖଲର ଶେଷ ତାରିଖ ମାର୍ଚ୍ଚ ୩୦ ରହିଥିବା ବେଳେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ଏପ୍ରିଲ ୩ ରହିଛି । ଏପ୍ରିଲ ୧୭ରେ ମତଦାନ ହେବାକୁ ଥିବା ବେଳେ ମେ’ ୨ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ । ଏ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଇଛି ।

# ଜଗନ୍ନାଥ ଓ ସେଫ୍‌ଟି-ପିନ୍





ରବି କାନୁନ୍‌ଗୋ
ମୋ.: ୯୪୩୭୧୯୪୬୦୦

ଜଗନ୍ନାଥ ଓ ସେଫ୍‌ଟିପିନ୍ ଭିତରେ କିଛି ସାମଞ୍ଜସ୍ୟ ଅଛି କି? ହଁ, ଦୁଇଟିଯାକ ଓଡ଼ିଆଙ୍କର ଭାରି ପ୍ରିୟ ।

ଆଧୁନିକ ବ୍ୟାପ୍ତ ଓଡ଼ିଆ ମାନସିକତାରେ ଜଗନ୍ନାଥ ଏକ ନିର୍ଭୁଲ ପ୍ରତୀକ । ପାଞ୍ଚ ମନ, ପଚିଶ ପ୍ରକୃତି, ନବବିଧ ଭକ୍ତି ଓ ସାତ ରଙ୍ଗର ସମାରୋହରେ ସଜେଇ ତାଙ୍କ ନାଁରେ କେତେ ଗୀତ, କେତେ ମହିମା ପ୍ରଚାର । କିନ୍ତୁ ପଚାଶ ବର୍ଷ ପୂର୍ବେ ସେ ଏଇଆ ନଥିଲେ । ଥିଲେ ପୁରସ୍ତମର ବଡ଼ ଠାକୁର । ତାଙ୍କ ନାଁରେ ପାଞ୍ଜି । ସେ ନାଁ ଶୁଣିଲେ ସମସ୍ତେ ହାତ ଟେକି ଦେଉଥିଲେ । ଏବେ ମାହାର୍ଦ୍ଦ ସିନା ଭୂରିଭୋଜନରେ ମିଳୁଛି, ମାତ୍ର ଆଗେ ନିର୍ମାଲ୍ୟ କଣିକାଏ ହେଲେ ଗାଁ ପବିତ୍ର ହେବା କାମ ଚଳି ଯାଉଥିଲା ।

ଭକ୍ତେ ବିଶ୍ୱାସ କରନ୍ତି – ହାତ ଟେକିଦେଲେ କାଳିଆ ଚକ୍ର ଉହାଡ଼ କରେ ।

୧୮୪୯ରେ ନିୟୁର୍କର ୱ୍ଲଟର୍ ହଣ୍ଟ୍ ନାମକ ଜଣେ ବ୍ୟକ୍ତି ସେଫ୍‌ଟିପିନ୍ ଉଦ୍ଭାବନ କରିଥିଲେ । ମାତ୍ର ଆଜି ପରି ତାହା ଏତେ ସହଜ ଓ ସଂକ୍ଷିପ୍ତ ନଥିଲା ।

୧୯୮୩ର ଗୋଟିଏ ଘଟଣା । ଯାତ୍ରା ରାଉରକେଲାରୁ ଭୁବନେଶ୍ୱର । ଓଟିଡିସି ଲଗ୍‌ଜୁରି ବସ୍ । ବାଟରେ ଖାଇବା ଏବଂ ପ୍ୟାସେଞ୍ଜରଙ୍କ ଦାବି ମୁତାବକ ସାନପାସ୍ ପାଇଁ ଥରେ ଦି'ଥର ରଖି ଏକାଥରେ ଲାଗେ କଟକରେ । ରାତି ୨ଟା ହେବ । ବସ୍ ଅଟକିଲା ବଇଣ୍ଡା ଛକରେ । ତାହା ଥିଲା ଅଗ୍ନାଅଗ୍ନି ବନସ୍ତ । ଗୋଟିଏ ଢାବା ଓ ଚା' ଦୋକାନ । କେତେ ଓହ୍ଲେଇଲେ । ମହିଳାମାନେ ମିଶିମିଳି ଦୂରକୁ ସାନପାସ୍ ଗଲେ । ମୁଁ ଚାଲିଲି ଚା' ଦୋକାନକୁ । ଜଣେ ଯୁବତୀ ନମସ୍କାର କଲେ । ନୂଆ ପ୍ରତିଷ୍ଠିତ ଏକ କଲେଜରେ ଯୋଗ ଦେଇଥା'ନ୍ତି ଅଧ୍ୟାପିକା ଭାବେ । ସେ ମୋର ପରିଚିତା ।

ଆଢୁଆଳରେ କିଛି କହିବାକୁ ଚାହୁଁଥିଲେ ପରି ତାଙ୍କ ହାବଭାବରୁ ଲାଗିଲା । ସେଇ ଟିକେ ଟିକେ ପ୍ରେଟ୍ରୋମାକ୍ସ ଆଲୁଅରେ ଦେଖିଲି, ତାଙ୍କ ସୁନ୍ଦର ମୁହଁ ମଉଳଣ ଲାଗୁଥିଲା । ସେ କହିଲେ – ଟିକେ କଣ୍ଡକ୍ଟରଙ୍କୁ କହି ମୋ ସିଟ୍ ବଦଳାଇ ଦେବେ? କାହିଁକି – ଉତ୍ତର ଶୁଣି ଅକଲ ଗୁଡୁମ୍ । ତାଙ୍କ ପଛ ଯାତ୍ରୀ ସିଟ୍ ପଛରୁ ହାତ ପୂରାଉଛନ୍ତି, ଏବଂ ଝିଅଟି ଟିକେ ଆଖି ବୁଜି ପାରିନି । କଥିତ ଯାତ୍ରୀ ଜଣକ ଥିଲେ ସେ ଜମାନା ଇସ୍ପାତ କାରଖାନାର ଜଣେ ପଦସ୍ଥ ଅଧିକାରୀ । ସଭା ସମିତିରେ ଭାଷଣ ଦେବାକୁ ଯା'ନ୍ତି ।

ସେଠି ବସ୍ ରହେ ପନ୍ଦର ମିନିଟ୍ । ପେଁ ପାଁ କରି ଆଉ ଦି' ତିନି ମିନିଟ୍ । କଣ୍ଡକ୍ଟରଙ୍କୁ କହି ସିଟ୍ ବଦଳେଇବା ଅତି ସହଜ ଥିଲା । ମାତ୍ର ଚଟ୍‌ପଟ୍ ମନକୁ ଆଉ ଦି'ଟା ବିପଦ ଆସିଲା । ୧. ଏବେ ଏ କାମ କଲେ ଲୋକେ କାହାକୁ କିଛି ପଚାରିବେନି, ବରଂ ଅପବିତ୍ର ମନ ନେଇ ଝିଅଟି ଆଡ଼କୁ ଅନେଇବେ – ଇଏ କାଇଁ ସିଟ୍ ବଦଳେଇଲା? ୨. ଯେଉଁ ନୂଆ ସିଟ୍‌ରେ ବସିବ ତା ପଛ ଲୋକଟି ଯେ ଭଦ୍ର ହୋଇଥିବ ୟା'ର କି ଗ୍ୟାରେଣ୍ଟି ଅଛି?
ଦେଖିଲି, ଓଡ଼ିଆ ଝିଅ ବୋହୂଙ୍କ ପରି ତାଙ୍କ ଚୁଡ଼ିରେ ବି ଥାଏ ଗୋଟିଏ ସେଫ୍‌ଟି-ପିନ୍ । ଆଇଡିଆ ବଦଳାଇଲି । ମୁଁ ତାଙ୍କ ଧାଡ଼ିର ସିଧା ଆରପଟରେ ବସିଥାଏ । କହିଲି – ତମେ ସେଇଠି ବସ । ମୁଁ ଆଉ କଟକ ଯାଏ ଶୋଇବିନି । ବସ୍ ଚାଲିଲା । ଆଲୁଅ ବନ୍ଦ ହେଲା । ପୁଣି ଥରେ ଅନ୍ଧାର । ବଇଣ୍ଡାରୁ ଅନୁଗୁଳ – ମଝି ଜଙ୍ଗଲରେ କେଉଁଠି ହେବ – ବସ୍ ଏକ ବିକଟାଳ ଶବ୍ଦରେ ଥରିଗଲା । ରହିଲା । ଲାଇଟ୍ ଜଳିଲା । କଣ୍ଡକ୍ଟର ଆସିଲେ । ସିଟ୍ ଛାଡ଼ି ସବୁ ଯାତ୍ରୀ ପରସ୍ପର ଦେଖାଦେଖି ହେଲେ । ସେ ନିର୍ଲଜ ଲୋକଟା ବି । କେବଳ ହଲଚଲ ହୋଇ ନ ଥିଲା ଝିଅଟି ଏବଂ ଉଠି ନ ଥିଲି ମୁଁ । କାହାରି କିଛି ଅଭିଯୋଗ ନ ଥିଲା । ପୁଣି ବସ୍ ଚାଲିଲା ।

## ସଂପାଦକୀୟ

# ପ୍ରଶାସନର ଦୃଷ୍ଟି ରହୁ

ବଲାଙ୍ଗିର ସହର ଦିନକୁ ଦିନ ଅବ୍ୟବସ୍ଥାର ସହରରେ ପରିଣତ ହେବାରେ ଲାଗିଛି । ଏଥିପ୍ରତି ପ୍ରଶାସନର ଦୃଷ୍ଟି ରହିବା ଏକାନ୍ତ ଆବଶ୍ୟକ । ସହରରେ ଜଳ ଯୋଗାଣର ଅବ୍ୟବସ୍ଥା ଯେତିକି ପ୍ରଖର ହେବାରେ ଲାଗିଛି, ସେତିକି ତେଜିଆନ୍ ହେବାରେ ଲାଗିଛି ବିଜୁଳି ବିଭ୍ରାଟ । ସ୍ୱାସ୍ଥ୍ୟସେବା ସହରବାସୀଙ୍କ ମୌଳିକ ଅଧିକାର । ଏଥିପ୍ରତି ବିଶେଷ ଦୃଷ୍ଟି ରହିବା ଏକାନ୍ତ ଆବଶ୍ୟକ । ସାରା ଜିଲ୍ଲାର ଲୋକେ ତଥା ଆଖପାଖ ଜିଲ୍ଲାର ଲୋକେ ମଧ୍ୟ ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି । ଏହାର ସୁପରିଚାଳନା ଏକାନ୍ତ ଆବଶ୍ୟକ । ଅନ୍ୟପକ୍ଷରେ କଚେରୀ ଛକରୁ ଶାନ୍ତିପଡ଼ା ଯାଏଁ ଚାଲିଥିବା ମୁଖ୍ୟରାସ୍ତା କାମକୁ ତ୍ୱରାନ୍ୱିତ କରାଯିବା ସଂଗେ ସଂଗେ ଠିକାଦାରପଡ଼ା ବ୍ରିଜ୍ କିଭଳି ଯାତାୟାତ ପାଇଁ ଉପଯୋଗୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଉ । ନଚେତ୍ ଆଗକୁ ଆହୁରି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

ସାରା ଦେଶରେ ସ୍ୱଚ୍ଛ ଭାରତ ଅଭିଯାନ ଚାଲିଥିବା ବେଳେ ବଲାଙ୍ଗିର ସହର ଅଳିଆ ଆବର୍ଜନାମୟ ହୋଇ ପଡ଼ି ରହିବା ଅତ୍ୟନ୍ତ ଲଜ୍ୟାଜନକ ବିଷୟ । ଏଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯିବା ସହ ସହରରେ ଯଥେଷ୍ଟ ଶୌଚାଳୟ ତଥା ପାସ୍ ଯିବା ଭଳି ବ୍ୟବସ୍ଥା କରାଯିବା ନିହାତି ଦରକାର । ଏହାଦ୍ୱାରା ସହରର ପରିମଳ ବ୍ୟବସ୍ଥା ବଳବତ୍ତର ରହିପାରିବ ।

ଦୀର୍ଘ ବର୍ଷରୁ ବଲାଙ୍ଗିର ବାଏପାସ୍ ରାସ୍ତା ତିଆରି ହେବା ଉଚିତ । ଏହି କାର୍ଯ୍ୟ କେତେକାଂଶରେ ଆରମ୍ଭ ମଧ୍ୟ ହୋଇ ସାରିଛି । ଏହାର ଯଥାସମ୍ଭବ ସମାପ୍ତି କରାଯାଇ ବଲାଙ୍ଗିର ସହରକୁ ଅବାଞ୍ଛିତ ଦୁର୍ଘଟଣାଗୁଡ଼ିକର କବଳରୁ ରକ୍ଷା କରାଯିବା ଆବଶ୍ୟକ । କେଉଁ ସ୍ତରରେ କାମ ଅଟକିଛି ଏବଂ ଏହାର ସମାଧାନ କିଭଳି କରାଯାଇ ପାରିବ, ଏଥିପାଇଁ ଉଚିତ ପଦକ୍ଷେପ ନିଆଯିବା କଥା ।

ଉପରୋକ୍ତ ସମସ୍ୟାଗୁଡ଼ିକ ପ୍ରତି କେବଳ ପ୍ରଶାସନ ସଜାଗ ହେଲେ ଚଳିବ ନାହିଁ । ଏଥିପାଇଁ ରାଜନୈତିକ ଇଚ୍ଛା ଶକ୍ତିର ଆବଶ୍ୟକତା ମଧ୍ୟ ନିହାତି ଜରୁରୀ । ଜନସାଧାରଣ ମଧ୍ୟ ସଚେତନ ହେବା ଦରକାର । ନିଜର ମୌଳିକ ଅଧିକାର ପାଇଁ ଜନସାଧାରଣ ସ୍ୱର ଉତ୍ତୋଳନ ନ କଲେ ପ୍ରଶାସନର ନିଦ ଅନେକାଂଶରେ ଭାଂଗେ ନାହିଁ । ଏହା ଏକ ପରମ୍ପରା କହିଲେ ଅତ୍ୟୁକ୍ତି ହେବନାହିଁ । ସେହିଭଳି ରାଜନୈତିକ ଇଚ୍ଛା ଶକ୍ତିକୁ ଉଜାଗର କରିବା ନିମନ୍ତେ ମଧ୍ୟ ଜନସାଧାରଣଙ୍କ ସ୍ୱର ଉତ୍ତୋଳନ ଏକାନ୍ତ ଆବଶ୍ୟକ ବୋଲି ଜ୍ଞାନୀଗୁଣୀମାନେ ମତବ୍ୟକ୍ତ କରନ୍ତି ।

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ.
୯୪୩୭୦୩୯୦୯୬



# ଚିନ୍ତନର ପ୍ରତିଫଳନ

ମଣିଷ ଯେଉଁ କଥାକୁ ବାରମ୍ବାର ଦୋହରାଇଥାଏ କିମ୍ବା ଯେଉଁ ବ୍ୟକ୍ତି ବା ବସ୍ତୁ ସର୍ବଦା ସ୍ମରଣ କରୁଥାଏ, ତା'ର ବ୍ୟକ୍ତିତ୍ୱ ସେହିଭଳି ରୂପାନ୍ତରିତ ହୋଇଥାଏ । ସେମାନଙ୍କ ଗଭୀର ପ୍ରଭାବ ତା' ଉପରେ ପଡ଼ିଥାଏ । ବିଜ୍ଞାନ ମଧ୍ୟ ଏହି କଥାକୁ ସ୍ୱୀକାର କରୁଛି । ଗର୍ଭାବସ୍ଥାରେ ଯେପରି ଛବି ମା' ନିରନ୍ତର ଦେଖେ ଏବଂ ଯେପରି ଚିନ୍ତନ କରିଥାଏ, ଗର୍ଭସ୍ଥ ଶିଶୁ ଉପରେ ତା'ର ତଦନୁରୂପ ପ୍ରତିଫଳନ ସ୍ପଷ୍ଟ ଦୃଷ୍ଟିଗୋଚର ହୁଏ । ବିଂଶ ଶତାବ୍ଦୀର ପ୍ରଥମ ଦଶକର ସତ୍ୟ ଘଟଣାଟିଏ –

ଇଂଲଣ୍ଡର କୌଣସି ଏକ ସହରରେ ଜଣେ ଗୋରା ଦମ୍ପତ୍ତି ରହୁଥା'ନ୍ତି । ପରସ୍ପରକୁ ନିବିଡ଼ ଭାବେ ଭଲ ପାଉଥିଲେ । ମହିଳା ଜଣକ ଗର୍ଭଧାରଣ କରି ଉଚିତ ସମୟରେ ସନ୍ତାନଟିଏ ଜନ୍ମ କଲେ । କିନ୍ତୁ ଏ କ'ଣ? କଳା ମଚମଚ, ହୃଷ୍ଟପୁଷ୍ଟ ନିଗ୍ରୋ ଶିଶୁଟିଏ । ବାପାଙ୍କ ମନରେ ସନ୍ଦେହ ଜାତ ହେଲା । ପତ୍ନୀର ଚରିତ୍ର ପ୍ରତି ସେ ଶଙ୍କାଗ୍ରସ୍ତ ହୋଇପଡ଼ିଲେ । କୌଣସି ନିଗ୍ରୋ ବଂଶୋଦ୍ଭବ ପୁରୁଷ ସହିତ ସଂପର୍କ ରହିଥିବାର ନିର୍ମମ ଆରୋପ ଲଗାହେଲା । ଯୁକ୍ତି ହେଲା – ଇଂରେଜ ବାପା ମା'ଙ୍କ ଏପରି ସନ୍ତାନ କିପରି ସମ୍ଭବ ହେଲା? ମହିଳା ଜଣକ ଦୃଢ଼ତାର ସହିତ ଅଭିଯୋଗକୁ ଅସ୍ୱୀକାର କଲେ । ଆପଣା ଚରିତ୍ରର ଧବଳିମା ପ୍ରତି ସେହି ଇଂରେଜ ମାତା ସଂପୂର୍ଣ୍ଣ ଆଶ୍ୱସ୍ତ ଏବଂ ନିଜ ପତିଠାରେ ପୂର୍ଣ୍ଣ ସମର୍ପିତା ଥିଲେ ।

ଉଭୟଙ୍କ ମଝିରେ କଥାଟି ନ ଛିଣ୍ଡିବାରୁ ନ୍ୟାୟାଳୟର ଆଶ୍ରୟ ନିଆହେଲା । ମହିଳା ଜଣକ ନିଜ ସତୀତ୍ୱ ସପକ୍ଷରେ ଦୃଢ଼ ଓ ସ୍ପଷ୍ଟ ଯୁକ୍ତି ବାଢୁଥାନ୍ତି । କିନ୍ତୁ ପ୍ରମାଣ କାହିଁ? ନ୍ୟାୟାଧୀଶ ଚିନ୍ତିତ ହୋଇ ପଡ଼ିଲେ । ସେତେବେଳେ ବୋଧହୁଏ ଡିଏନ୍‌ଏ. ପରୀକ୍ଷଣ ଆରମ୍ଭ ହୋଇ ନଥିଲା । ଶେଷରେ ସେ ଦମ୍ପତ୍ତିଙ୍କ ବାସସ୍ଥାନକୁ ଆସି ଦେଖିଲେ ଯେ ଶଯ୍ୟା ସାମ୍ନାରେ ଜଣେ ଆଫ୍ରିକୀୟ ନିଗ୍ରୋର ବିଶାଳ ଛବିଟିଏ ଝୁଲୁଛି । ସେ ବୁଝିଗଲେ । ନ୍ୟାୟାଳୟକୁ ଆସି ଘୋଷଣା କଲେ – 'ଏହି ମହିଳା ଜଣକ ସଂପୂର୍ଣ୍ଣ ନିଷ୍ପାପ ଓ ନିର୍ଦ୍ଦୋଷ । ଏହାଙ୍କର ଚରିତ୍ର ପ୍ରତି ସନ୍ଦେହ କରିବାର ସାମାନ୍ୟ କାରଣଟି ବି ନାହିଁ । ତେବେ ସମଗ୍ର ଗର୍ଭାବସ୍ଥାରେ ଶୟନେ ଜାଗରଣେ ସେ ନିଗ୍ରୋର ଛବିକୁ ମନୋଯୋଗ ଦେଇ ଦେଖିଛନ୍ତି । ତା' ସହିତ ଏକପ୍ରକାର ତାଦାତ୍ମ୍ୟତା ସୃଷ୍ଟି ହୋଇ ତାଙ୍କ ଗର୍ଭସ୍ଥ ଶିଶୁର ଆକୃତିକୁ ସଂକ୍ରମିତ କରିଛି । ତେଣୁ ଶିଶୁ କଳା ହେଲା ବୋଲି ଜନନୀକୁ ସନ୍ଦେହ କରିବାଟା ବି ଅପରାଧ ବୋଲି ଧରା ହେବ ।'

ଇଂରେଜ ଜଣକ ସବୁକଥା ବୁଝି ପାରି ନ୍ୟାୟାଳୟ ଠାରେ କ୍ଷମାଭିକ୍ଷା କରିବା ସହ ନିଜ ପତ୍ନୀକୁ ଆଲିଙ୍ଗନ କରି ଏପରି ସନ୍ଦେହ ଭବିଷ୍ୟତରେ କଦାପି ଜାତ ହେବ ନାହିଁ ବୋଲି ସଂକଳ୍ପ ବ୍ୟକ୍ତ କଲେ ।

## ସଂପାଦକଙ୍କୁ ପତ୍ର (ମତାମତ ପାଇଁ ସଂପାଦକ ଦାୟୀ ନୁହଁନ୍ତି)

# ବିବାହ ଆଦି ଉତ୍ସବରେ ଉପହାର ପ୍ରଦାନ ସଂପର୍କରେ......

ମହାଶୟ,

ବିବାହ, ବ୍ରତ, ବିବାହ ବାର୍ଷିକୀ ପାଳନ, ଜନ୍ମ ମହୋତ୍ସବ ଆଦିରେ ଆମେ ଆନନ୍ଦ ଉଲ୍ଲାସର ସହ କିଛି ଉପହାର ନେଇ ଯୋଗଦାନ କରିବା ଜମାରୁ ନୂଆଁ କଥା ନୁହେଁ । କାହିଁ କେଉଁ କାଳରୁ ଏହା ଲାଗିଛି । କିନ୍ତୁ ଆମେ ଜଣେ ଆତ୍ମୀୟ ସ୍ୱଜନ କିମ୍ବା ଚିହ୍ନାଜଣା ଲୋକଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଦେଖିବାକୁ ଗଲେ ଖାଲି ହାତରେ ଯାଉଁ ଆଉ କିଛି ଆଶ୍ୱାସନା ଦେଇ ଫେରି ଆସୁଁ । ଏ ଦିଗରେ ମୋର ଏକ ଭିନ୍ନ ମତ ରହିଛି ।

ବିବାହ, ବ୍ରତ ଆଦି ମହୋତ୍ସବରେ କର୍ତ୍ତା ନିଜ ସାଧ୍ୟମତେ ଏକ ବନ୍ଧୁ ମିଳନର ଆୟୋଜନ କରିଥାଆନ୍ତି । ଏଥିପାଇଁ ଯୋଗଦାନ ସହ କିଛି ଶୁଭ କାମନା ହିଁ ଅନେକାଂଶରେ ଯଥେଷ୍ଟ ହୋଇପାରେ । କିନ୍ତୁ ଜଣେ ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କ ପକେଟ୍ ଚିକିତ୍ସା ଖର୍ଚ୍ଚକୁ ସାମ୍ନା କରି ପାରିବ କି ନକରି ପାରିବ, ସେ ଦିଗକୁ ଚିକିତ୍ସା ଖର୍ଚ୍ଚ ଅପେକ୍ଷା କରି ନଥାଏ । ହୁଏତ ଆକସ୍ମିକ ଭାବେ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଅନେକ ଅଟକଳ ବିହୀନ ଖର୍ଚ୍ଚ ବହନ କରିବାକୁ ଜଣେ ଚିକିତ୍ସିତ ଅବସ୍ଥାରେ ବାଧ୍ୟ ହୋଇଥାଏ । ଏଣୁ ଆମେ ଯେତେବେଳେ ଜଣକୁ ଚିକିତ୍ସିତ ଥିବା ଅବସ୍ଥାରେ ଭେଟିବା ପାଇଁ ଯାଉଛୁ, ସେତେବେଳେ ତାଙ୍କୁ କିଛି ସହଯୋଗ ରାଶି ନିଜ ତରଫରୁ ବଢ଼େଇ ଦେବା ଅତ୍ୟନ୍ତ ଜରୁରୀ । ଏହା ଚିକିତ୍ସା ପାଇଁ ବିଶେଷ ସହାୟକ ହେବା ସଙ୍ଗେ ସଙ୍ଗେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ମନୋବଳକୁ ଅନେକାଂଶରେ ବଳିଷ୍ଠ କରିପାରିବ ।

ଉପରୋକ୍ତ ଆଲୋଚନାକୁ ଧ୍ୟାନରେ ରଖି ଆମେ ବିବାହ, ବ୍ରତ ଆଦି ଆନନ୍ଦ ଉଲ୍ଲାସର ମହୋତ୍ସବରେ ଅର୍ଥ ଉପହାର ଦେବା ଅପେକ୍ଷା ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ କିମ୍ବା ଚିହ୍ନାଜଣା ଲୋକଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଦେଖିବାକୁ ଯିବା ସମୟରେ କିଛି ଆର୍ଥିକ ସହଯୋଗ ଦେବା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମନେ ହୁଏ ।

ବର୍ତ୍ତମାନର କରୋନା ସଂକ୍ରମଣ କାଳରେ ଏଭଳି ଏକ ଅଭିନବ ପ୍ରୟାସ ଜାରି ରହିବା ଏକାନ୍ତ ଆବଶ୍ୟକ ବୋଲି ମୋର ସ୍ୱକୀୟ ମତ ରହିଛି । ସମସ୍ତେ ଏ ସଂପର୍କରେ ଚିନ୍ତା କରନ୍ତୁ ।

**ପ୍ରସନ୍ନ ମିଶ୍ର**
ମିଶ୍ର ହୋଟେଲ, ବଲାଙ୍ଗିର

## ସାହିତ୍ୟ ପୃଷ୍ଠା ପ୍ରତି ଆହୁରି ଧ୍ୟାନ ଦିଅନ୍ତୁ

ସଂପାଦକ ମହାଶୟ,

'କୋଶଳ ପ୍ରବାହ' ଦିନକୁ ଦିନ ଆହୁରି ସୁନ୍ଦର ଦେଖାଯାଉଛି । ଏଣୁ ଆପଣଙ୍କୁ ଅଶେଷ ଧନ୍ୟବାଦ । ଏହାର ମଲ୍‌ଟିକଲର୍ ସଂଖ୍ୟାଗୁଡ଼ିକ ଅଧିକ ଆକର୍ଷଣୀୟ ଲାଗୁଛି । ଆଜିର ସମ୍ବାଦପତ୍ର ଜଗତରେ 'କୋଶଳ ପ୍ରବାହ' ଭଳି ଗୋଟିଏ ଛୋଟ ସାଇଜ୍‌ର ସାପ୍ତାହିକ ଖବର କାଗଜ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ବିଷୟ, କେବଳ ଆପଣଙ୍କ ପାଇଁ ନୁହେଁ ସାରା ପଶ୍ଚିମ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ଏଥିରେ ରହିଥିବା ସମସ୍ତ ଦିଗ ଅତ୍ୟନ୍ତ ବଳିଷ୍ଠ, ଏଥିରେ କୌଣସି ଦ୍ୱିମତ ନାହିଁ । ଆରମ୍ଭ ଦିନରୁ ଯେମିତି ଏକ 'କୋଶଳୀ ସାହିତ୍ୟ ପୃଷ୍ଠା' ଏବଂ 'ଓଡ଼ିଆ ସାହିତ୍ୟ ପୃଷ୍ଠା' ରହିଆସୁଛି, ତାହା ଜାରି ରହୁ । 'କୋଶଳ ପ୍ରବାହ'ର ସାହିତ୍ୟ ପୃଷ୍ଠାରେ ଏକ ସ୍ୱତନ୍ତ୍ର ସ୍ୱାଦ ରହିଥାଏ । ଏହାକୁ ସବୁବେଳେ ପ୍ରବାହିତ କରାଯାଉ ।

**କବି ପୀନାକି ମିଶ୍ର, କେଉଁଝର**

ରକ୍ତ ଦାନ
ମହା ଦାନ

ରକ୍ତ ଦାନ କରି ଅନ୍ୟର ଜୀବନ ବଚାନ୍ତୁ ।

– ଜଣେ ଶୁଭେଚ୍ଛୁ

# ପ୍ରସିଦ୍ଧ ଦେବୀ ପୀଠ ମାଁ ବନ୍ଧାରୀ ସ୍ଥାନୀୟ ସଂସ୍କୃତି ଓ ପରମ୍ପରାକୁ ବହନ କରେ

ଚୁଡାପାଲି : ବଲାଙ୍ଗିର ଜିଲ୍ଲାର ଖୁବ୍ ପୁରାତନ ( ୨୦୦ବର୍ଷରୁ ଅଧିକ) କାଳ ସହିତ ତାଳ ଦେଇ ଚାଲିଥିବା ଏକ ଗାଁ । ବଲାଙ୍ଗିର ପାଟଣାଗଡ ରାଜ୍ୟ ରାଜପଥ - ୪୨ କଡେ ଅବସ୍ଥିତ, ଉଭୟ ସହରର ମଝାମଝି ଏହି ଗାଁ । ଏବେକାର ଜନସଂଖ୍ୟା -୪୫୦୦, ୱାର୍ଡ ସଂଖ୍ୟା-୭ ଲୋକଙ୍କ ମୁଖରୁ ଶୁଣାଯାଏ - ଅପଭ୍ରଂଶ କ୍ରମେ ଏହି ଗାଁର ନାମ ଚୁଡାପାଲି ହୋଇଛି । ଚୁରାପଲ୍ଲି ପରେ ଚୁରାପାଲି ଏବଂ ଶେଷରେ ଚୁଡାପାଲି ନାମରେ ନାମିତ । ଗଡଜାତ ରାଜା-ରାଜୁଡା ଶାସନ ଅମଳରେ ଏହି ଗାଁ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଏଠାରେ ଆଦିବାସୀ ସଂପ୍ରଦାୟର ଗଣ୍ଡ,କନ୍ଧ,ବିଞ୍ଝାଲ ସହିତ ପ୍ରାୟତଃ ସବୁ ବର୍ଗର ଲୋକେ ବସବାସ କରନ୍ତି । ଏପରି ଏକ ଗ୍ରାମକୁ ଗାଁର ଇଷ୍ଟ ଦେବୀ ମାଁ ବନ୍ଧାରୀ ଗାଁକୁ ତାର କାନି ପଣତରେ ଘୋଡେଇ ରଖିଛି । ବନ୍ଧାରୀ ନାମର ବ୍ୟୁତ୍ପତ୍ତିରୁ ଜଣାଯାଏ - ଗାଁର ପୋଖରୀ ହିଡ(ଆଡି)କୁ ହିଁ ନାମର ଇତିବୃତ୍ତ । ଏହି ଆଡିରେ ଦେବୀ ପୂଜା ପାଉଥିବାରୁ ନାଁ ତାର ବନ୍ଧେଶ୍ୱରୀ ଶ୍ରଦ୍ଧାରେ ଲୋକେ ଡାକନ୍ତି ବନ୍ଧାରୀ, ଡାକିଲେ ଓ କରେ । ତେଣୁ ତ ଲୋକେ ଘରୁ ପଦାକୁ ବାହାରିଲା ମାତ୍ରେ ମାଁଙ୍କ ନାଁ ଧରି ସକଳ କାର୍ଯ୍ୟରେ ସଫଳ ହୋଇଥାନ୍ତି ।

ଲୋକଙ୍କ ମୁଖରୁ ଶୁଣାଯାଏ (କିମ୍ୱଦନ୍ତି କହେ) ଗଡଜାତ ସମୟର କଥା ଗାଁର ଗୌନ୍ତିଆ ମଙ୍ଗଲୁ କୁମୁରା (ବାସୁଦେବ କୁମୁରାଙ୍କ ପିତା) ଜାତିରେ ଗଣ୍ଡ । ପ୍ରଜା ବତ୍ସଳ ଏକଦା ଏହି ଗ୍ରାମକୁ ( ଦେବ ଅଂଶୀ, ବିଶ୍ୱକର୍ମା ପୂଜକ) କୁର୍ମୀ ସଂପ୍ରଦାୟର ଲୋକେ ଆସିଥିଲେ । ସେମାନେ ଏଠି କିଛି ଦିନ ଅବସ୍ଥାନ କରିଥିବା ସମୟରେ ସଠି ବନ୍ଧଲି ଓ ପୋଖରୀ ଖୋଳିଥିଲେ । କୁର୍ମୀ ସଂପ୍ରଦାୟର ଲୋକେ ଏକାଠି ଶହ ଶହ ସଂଖ୍ୟାରେ ବାସବାସ କରିଥାନ୍ତି , ଦଳବଦ୍ଧ ରହିବାର ତାଙ୍କର ପ୍ରକୃତି । କୁର୍ମୀ ସଂପ୍ରଦାୟ ଆରାଧଦେବ ବିଶ୍ୱକର୍ମାଙ୍କ ଦେବ ଅଂଶରୁ ଜାତ ବୋଲି କୁହାଯାଏ । ଏହି ସଂପ୍ରଦାୟ ଦେବ ଅଂଶ ହୋଇଥିବାରୁ ଅତ୍ୟନ୍ତ ନିଷ୍ଠା ଜୀବନ ଯାପନ କରିଥାନ୍ତି । ତେଣୁ ସେହି ଦୃଷ୍ଟିରୁ ସେମାନେ ଅନ୍ୟର ସ୍ପର୍ଶ ବଳକୁ ଗ୍ରହଣ କରି ନଥାନ୍ତି ଏବଂ ସେମାନେ ଯେଉଁଠି ବସବାସ କରନ୍ତି ସେଠାରେ ସେମାନେ ମିଳିତ ଭାବରେ ପୋଖରୀ ଖୋଳିଥାନ୍ତି । କାରଣ ହେଲା ସେହି ଜଳାଶୟରୁ ସେମାନେ ଜଳ ଗ୍ରହଣ କରିଥାନ୍ତି । ଯାଯାବର ଜାତି ହୋଇଥିବାରୁ ପରବର୍ତ୍ତୀ ସମୟରେ ସେମାନେ ସେହି ସ୍ଥାନ ପରିବର୍ତ୍ତନ କରିଥାନ୍ତି । ଦେବ ଅଂଶୀ କୁର୍ମୀ ମାନେ ହୋଇଥିବାରୁ ସେମାନେ ଖୋଳି ଥିବା ବନ୍ଧକୁ ଦେବହେଲିଆ ବନ୍ଧ ବୋଲି ଲୋକେ କହନ୍ତି ।

ଲୋକଙ୍କ ମୁଖରୁ ଶୁଣାଯାଏ, ଗଡ ଜାତ ସମୟର କଥା ଗାଁର ଗଣ୍ଡ ସଂପ୍ରଦାୟର ଗୌନ୍ତିଆ ଥାନ୍ତି ଯୋଗେଶ୍ୱର କୁମୁରା । ତାଙ୍କର ଅନେକ ସହଯୋଗୀ ଥାନ୍ତି ତନ୍ମଧ୍ୟରୁ ପୂର୍ଣ୍ଣଚନ୍ଦ୍ର ନାହାକ ଅନ୍ୟତମ । ଏମାନଙ୍କ ଆପ୍ରାଣ ଉଦ୍ୟମ ରହୁଥିଲା ଗାଁର ହିତ ପାଇଁ । ସମସ୍ତେ ଖୁସି ମଜାରେ କାଳାତିପାତ କରୁଥିଲେ । ଏତେବଡ ଗାଁରେ କିନ୍ତୁ ବ୍ୟବହାର ଉପଯୋଗୀ ଏକମାତ୍ର ଦେବହେଲିଆ ବନ୍ଧ । ଗାଁ ଲୋକେ ଗାଧୋଇବା ଠାରୁ ପିଇବା ପର୍ଯ୍ୟନ୍ତ ଏହି ପୋଖରୀର ଜଳ ବ୍ୟବହୃତ ହେଉଥିଲା । କିନ୍ତୁ ବର୍ଷାଦିନ ଆସିଲେ ଯେତେଯାହା କଲେବି ପୋଖରୀର ପାଣିକୁ ବର୍ଷସାରା ବ୍ୟବହାର ପାଇଁ ଆବଦ୍ଧ ରଖାଯାଇ ପାରୁନଥିଲା କାରଣ ସବୁ ଚେଷ୍ଟା କୌଶଳ ଅବଲମ୍ୱନ କଲେ ମଧ୍ୟ ପୋଖରୀର ହିଡ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ଭୁସୁଡି ପଡୁଥିଲା ଏବଂ ପୋଖରୀ ପ୍ରାୟତଃ ଶୁଖିଲା ଅବସ୍ଥାକୁ ଆସି ଯାଉଥିଲା । ଏପରି ବାରମ୍ବାର ହେବା ପରେଏ ଲୋକଙ୍କ ମନରେ ଭିନ୍ନ ଭିନ୍ନ ପ୍ରଶ୍ନ ଉଙ୍କି ମାରିବାରେ ଲାଗିଲା । ଅନେକଙ୍କ ମତରୁ ଜଣା ପଡିଲା, ଯେ କୌଣସି ଦୈବୀ କୁଟ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହେଉଛି । ଏ ସଂପର୍କରେ ଗୌନ୍ତିଆ, ଗାଁର ରକ୍ଷୀ,ସାଧାରଣ ଜନତାଙ୍କ ମଧ୍ୟରେ ଅନେକ ବିଚାର ଆଲୋଚନା ଚାଲିଲା । ହେଲେ ଏସବୁରୁ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିଲାନି । ସେହି ବର୍ଷ ମଧ୍ୟ ବର୍ଷା ଦିନେ ପୋଖରୀ ବନ୍ଧ ଭୁସୁଡିଲା । ହିଡକୁ ସଜାଡିବା ପାଇଁ ଗାଁ ଲୋକେ ଏକାଠି ହୋଇ ଘାଇ ମରାମତି କାର୍ଯ୍ୟରେ ନିମଗ୍ନ, କିପରି ଶୀଘ୍ର ବନ୍ଧ ମରାମତି କାମ ହୋଇ ପାରିବ । ଏପରି ସମୟରେ ନିକଟସ୍ଥ ସରଗାଡପାଲି ଗ୍ରାମରୁ ପ୍ରତିଦିନ ଚୁଡାପାଲିକୁ ଦହି, ମହି ବିକ୍ରି କରିବା ପାଇଁ ଗୁରୁବାରୀ ନାମ୍ନୀ ମହିଳା ଆସୁଥିଲେ । ସେଦିନ ମଧ୍ୟ ସେ ଦହି ବିକ୍ରି ପାଇଁ ସେହି ପୋଖରୀ ରାସ୍ତା ଦେଇ ଚୁଡାପାଲିକୁ ଆସୁଥିଲେ । ପୌଢ ଲୋକଙ୍କ ମୁଖରୁ ଶୁଣାଯାଏ - କୁଆଡେ ସେହି ଅନ୍ତଃସ୍ୱତ୍ତା ସ୍ତ୍ରୀ ଲୋକକୁ ଘାଇ ମଧ୍ୟକୁ ଠେଲି ଦିଆଯାଇ ପୋତି ଦିଆ ଯାଇଥିଲା ଆହୁରୀ ମଧ୍ୟ ଶୁଣାଯାଏ ସେହି ଅନ୍ତଃସ୍ୱତ୍ତା ମହିଳା ଆସୁଥିବା ସମୟରେ ପ୍ରସବ ବେଦନା ସହି ନପାରି ଉକ୍ତ ଘାଇ ମଧ୍ୟରେ ପଡି ଯାଇଥିଲେ ଏବଂ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା । ଏହା ଦେଖି କାମ କରୁଥିବା ଲୋକଙ୍କ ବିଚାର ବିମର୍ଷ ପରେ ସ୍ତ୍ରୀ ଲୋକ ପଡିଥିବା ଘାଇକୁ ମାଟି ଦ୍ୱାରା ପୋତି ଦିଆଗଲା । ଆହୁରୀ କିଛି ଲୋକ କୁହନ୍ତି କାମରେ ବ୍ୟସ୍ତ ଶ୍ରମିକ ଗଭୀର ଘାଇରେ ପଡିଥିବା ସ୍ତ୍ରୀ ଲୋକଙ୍କୁ ନଦେଖି ତାରି ଉପରେ ମାଟି ପୋତି ଦେଇଥିଲେ । ସେ ଯାହା ବି ହେଉ, ପରବର୍ତ୍ତୀ ସମୟରେ ଗୌନ୍ତିଆଙ୍କୁ ସ୍ୱପ୍ନାଦେଶ ହେଲା । ସେଠାରେ ଉକ୍ତ ମୃତ ସ୍ତ୍ରୀଲୋକର ଅଶରୀର ଆତ୍ମାକୁ ଦେବୀ ରୂପେ ପୂଜା କରିବା ପାଇଁ । ତତ୍କ୍ଷଣାତ ଗାଁ ଲୋକଙ୍କ ଉଦ୍ୟମରେ ସେହି ସ୍ଥାନରେ ଝୁପୁଡି ମନ୍ଦିର ତୋଳା ହେଲା । ଏବଂ ସେହି ପୋତି ହୋଇଥିବା ସ୍ତ୍ରୀ ଲୋକଟି ସେହି ଦିନଠାରୁ ପୂଜା ପାଇଲେ ଗାଁର ଇଷ୍ଟଦେବୀ ମାଁ ବନ୍ଧାରୀ ଭାବରେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ପୋଖରୀର ପାଣି ଉଛୁଳି ପଡି ଯାଉଥିଲେ ମଧ୍ୟ କେବେ ପୋଖରୀରେ ଘାଇ ସୃଷ୍ଟି ନହେବାର ପ୍ରମାଣ ରହିଛି । ପୋଖରୀକୁ ପଶ୍ଚିମାଞ୍ଚଳରେ ବନ୍ଧ ଏବଂ ହିଡକୁ ଆଡି କୁହାଯାଏ । ଯେହେତୁ ଏ ସମସ୍ତ କାର୍ଯ୍ୟ ବନ୍ଧ ଆଡିକୁ ନେଇ, ତେଣୁ ଦେବୀଙ୍କ ନାମ ହେଲା ବନ୍ଧାରୀ । ଏବେ ଅପଭ୍ରଂଶ କ୍ରମେ ବନ୍ଧେଶ୍ୱରୀ ନାମରେ ପୂଜିତ । ଏବେ ଲୋକେ କହନ୍ତି ଦେବୀ ପ୍ରତ୍ୟକ୍ଷ ଅଟନ୍ତି । ଡାକିଲା ମାତ୍ରେ (ଆଗରେ ଛିଡା ହୁଅନ୍ତି ) ସକଳ କାମନା ପୂରଣ କରିଥାନ୍ତି । ପୂର୍ବରୁ କୁଆରୀ ପାଟଣା ( ବର୍ତ୍ତମାନର ପାଟଣାଗଡ) କ୍ଷେତ୍ରର ଧୁବଲପଡା ଗ୍ରାମର ବିଂଝାଲ ସଂପ୍ରଦାୟର ହାଡୁ ବରିହା ଦେବୀଙ୍କର ପ୍ରଥମ ପୂଜକ ଥିଲେ । ସମୟ କ୍ରମେ ସେମାନେ ଚୁଡାପାଲିକୁ ଆସି ସ୍ଥାୟୀ ବାସିନ୍ଦା ହେଲେ । ଏବଂ ତାଙ୍କ ବଂଶର ପରବର୍ତ୍ତୀ ପିଢ଼ି କ୍ଷେତ୍ର ବରିହା,ସଦାନନ୍ଦ ବରିହା ଏବଂ ବର୍ତ୍ତମାନ ୭୮ ବର୍ଷୀୟ ଗଣ୍ଡାରାମ ବରିହା ପୂଜା କାର୍ଯ୍ୟ ସଂପାଦନା କରୁଛନ୍ତି । ପୂଜକ ଗଣ୍ଡାରାମ ବରିହା ପୂଜା ସଂପର୍କରେ କହନ୍ତି - ମନ୍ଦିର ମଧ୍ୟରେ ଚାରୋଟି ସ୍ଥାନରେ ପୀଠ ଯଥାବିଧି ପୂଜା ହୁଏ । ପ୍ରଥମେ ବନ୍ଧାରୀ, ଦ୍ୱିତୀୟ ଦୈମତୀ,ତୃତୀୟ ଫୁଲବତୀ ଏବଂ ଚତୁର୍ଥରେ ମହିଷା ମର୍ଦ୍ଦିନୀଙ୍କୁ ଗରି ମୁଠି ଲେଖାଏଁ ଅକ୍ଷତ ଅରୁଆ ଚାଉଳର ପୁଞ୍ଜି ଦିଆଯାଏ । ପ୍ରତି ପୁଞ୍ଜିରେ ଘିଅ ବତୀ ସହିତ ଝୁଣା ଧୂପ,ସିନ୍ଦୁର,ମନ୍ଦାର ଫୁଲ ଏବଂ ଚାରୋଟି ଲିଆ କୁଗାର ପ୍ରସାଦ ଭାବରେ ଅର୍ପଣ କରାଯାଏ । ତରପନୀ (ରନ୍ଧାମନ୍ଦ) ମଧ୍ୟ ଦେବୀଙ୍କୁ ପୂଜା ସମୟରେ ଭୋଗ ଲଗାଯାଇ ପାଣି ଛଡାଯାଏ । ପ୍ରତିଦିନ ସହିତ ମାନସିକ ରଖିଥିବା ବ୍ୟକ୍ତି ବିଶେଷ ମଙ୍ଗଳବାର,ବୁଧବାର,ଶୁକ୍ରବାର ଓ ରବିବାର ଦିନ ପେଠି ( ମାଇଛେଳି) ବଳି ଦେଇଥାନ୍ତି । ଗ୍ରାମର ବିଭିନ୍ନ ଜାନିଯାତ୍ରାରେ ମାଁଙ୍କୁ ପ୍ରଥମେ ପୂଜା କଲାପରେ ଯାଇ ଅନ୍ୟ ଦେବାଦେବୀଙ୍କୁ ପୂଜା କରାଯାଏ । କାଦୋଯାତ୍ରା,ବାଲିପକା,ମାଡେନ ଯାତ୍ରା,ନୂଆଁଖାଇ,ଦଶହରା,ଚୈତ୍ର ପର୍ବ ପାଳିତ ହୁଏ । ବିବାହ କାର୍ଯ୍ୟରେ ପ୍ରଥମେ ଦେବୀଙ୍କ ପୀଠରେ ନିମନ୍ତ୍ରଣ ପତ୍ର ଅର୍ପଣ କରି ବିବାହର କାର୍ଯ୍ୟ ଆରମ୍ଭ କରିବାର ବିଶିଷ୍ଟ ପରମ୍ପରା ଏଠି ରହିଛି । ୧୭ ବର୍ଷ ବର୍ଷ ହେଲା କୌଣସି କାରଣ ବଶତଃ ଗଣ୍ଡାରାମ ବରିହାଙ୍କ ବଦଳରେ ଗଣ୍ଡଜାତିର ରଣଜିତ ଭୁଏ ପୂଜା କାର୍ଯ୍ୟ କରି ଆସୁଛନ୍ତି ।

ବିଶିଷ୍ଟ ପର୍ବଦିନ ମାନଙ୍କରେ ଦେବୀ ରାତିରେ ଗାଁରେ ବୁଲିବାର ପ୍ରବାଦ ଅଛି । ନିଶାର୍ଦ୍ଧରେ ଶୁଭ୍ରବସ୍ତ୍ର ପରିହିତା କେଶ ମୁକୁଳା କରି ଗାଁର ଦାଣ୍ଡରେ ଏବେବି ପ୍ରତ୍ୟକ୍ଷ ହେବାର ଲୋକେ କହନ୍ତି । ଶୁଣାଯାଏ ପୂର୍ବରୁ ହୁମୋ ବଉଲୀ ଖେଳ ଜହ୍ନରାତିରେ ଗାଁରେ ଖେଳିବାରର ଝିଅ ମାନଙ୍କର ବିଶେଷ ଆଗ୍ରହ ରହୁଥିଲା । ଏଥିରେ କୁଆଡେ ନିଜେ ବନ୍ଧାରୀ ଦେବୀ ମଧ ଖେଳୁଥିଲେ । ଯେଉଁ ଝିଅ ଖେଳିବାକୁ ଆସି ନଥିବ ତାରି ରୂପରେ ଦେବୀ ଆସି ଝିଅଙ୍କ ମେଳରେ ହୁମୋ ବଉଳି ଖେଳୁଥିଲେ । ତହିଁ ଆରଦିନ ଖେଳକଥା ଝିଅଙ୍କ ମଧ୍ୟରେ ଆଲୋଚନା ହେଲେ,ଅସଲ କଥା ଜଣା ପଡି ଯାଉଥିଲା । ଗାଁକୁ କୌଣସି ବିପଦ ଆପଦର ସୂଚନା ଦେବୀ ତାର ମୁଖ୍ୟ ପୂଜକଙ୍କୁ ସୂଚାଇ ଦେଇଥାନ୍ତି । ଏଥିପାଇଁ ଗାଁରେ ମଧ୍ୟ ଝାଙ୍କର କଥା ଅକାଟ୍ୟ ।

କଥିତ ଅଛି ଏକଦା ଗ୍ରୀଷ୍ମରେ ଉକ୍ତ ପୋଖରୀର ଜଳ ଶୁଖି ଆଣ୍ଠୁଏ ପର୍ଯ୍ୟନ୍ତ ଆସିଥିଲା, ଲୋକେ ପୋଖରୀରୁ ମିଳିତ ଭାବେ ମାଛ ଧରିବା ଉଦ୍ୟମ କରନ୍ତେ, ହଠାତ୍ ପୋଖରୀର ପାଣି ଫୁଲି ଉଠିଲା ଏବଂ ୩/୪ ଜଣ କୁଆଡେ ଉଭାନ ହୋଇଯିବା ଲୋକେ କହନ୍ତି । ଗାଁର ଡକୁଆ କହନ୍ତି ତାଙ୍କ ହରିଜନ ସାହିର ଝିଅପିଲା ଗାଧୋଇବାକୁ ଆସିବା ସମୟରେ ସେଥି ମଧ୍ୟରୁ ରତ୍ନମତୀ ଝାଅଟିଏ ସାମିଲ ଥିଲା, ଯିଏକି ପୋଖରୀର ପାଣିକୁ ସ୍ପର୍ଶ ନକରି ହିଡରେ ଛିଡା ହୋଇଥିଲା । ତାର ସାଥିମାନେ ମାଠିଆରେ ପୋଖରୀରୁ ପାଣିଆଣି ତାରି ସ୍ନାନ କରିବା ପାଇଁ ମୁଣ୍ଡରେ ପାଣି ଢାଳନ୍ତେ ବିରାଟ କଙ୍କଡା ବିଛାର ମାଠିଆରେ ଆବିର୍ଭାବ ସମସ୍ତଙ୍କୁ ହତ୍ ଚକିତ କରିଦେଲା । ଏପରି ଅନେକ କଥା - ଏପର୍ଯ୍ୟନ୍ତ କୌଣସି ଅଶୌଚିତ ବ୍ୟକ୍ତି,ରତୁମତୀ ନାରୀ ପୋଖରୀକୁ ଗାଧୋଇବା ପାଇଁ ଯାଆନ୍ତି ନାହିଁ । ଏପରିକି ଅଶୌଚ ବସ୍ତ୍ର ମଧ୍ୟ ସଫା କରାଯାଇ ନାହିଁ । ପୋଖରୀରେ କୌଣସି ସ୍ଥାନରେ ଧୋବା ଘାଟ ନାହିଁ । ବନ୍ଦେଶ୍ୱରୀ ଦେବୀଙ୍କର ଅବସ୍ଥାନ ଗାଁଟିର ମର୍ଯ୍ୟାଦା ବଢେଇଥିବା ବେଳେ ପ୍ରଶାସନ ତରଫରୁ କୌଣସି ସାହାର୍ଯ୍ୟ ସହଯୋଗ ମିଳିନାହିଁ । ଆଜି ମନ୍ଦିର ବାଟ ଭଗ୍ନ ଅବସ୍ଥାରେ ରହିଥିବାରୁ ଏହାର ପୁନରୁଦ୍ଧାର ଆବଶ୍ୟକତା ରହିଛି ।

# ଜବରଦଖଲକାରୀଙ୍କ କବ୍‌ଜାରେ ଲୋଇସିଂହା ନାରାୟଣ ସାଗରର ୭୧ ଏକର

ଲୋଇସିଂହା : ଏକଦା ଲୋଇସିଂହାର ଜୀବନରେଖା କୁହାଯାଉଥିବା ନାରାୟଣ ସାଗର ପାନୀୟ ଜଳ ସହିତ ଚାଷ ଜମିକୁ ପାଣି ଯୋଗାଉଥିଲା । ଏହି ସାଗର ଉପରେ ନିର୍ଭର କରି ଦୈନନ୍ଦିନ ବହୁ ସଂଖ୍ୟାରେ ଧୀବର ପରିବାର ପରିପୋଷଣ କରୁଥିଲେ । ଏହାସହ ବିଭିନ୍ନ ଜାତିର ପକ୍ଷୀଙ୍କ କଳରାବରେ ସାଗରଟି ଚଳଚଂଚଳ ହେଉଥିବା ବେଳେ ପଦ୍ମଫୁଲର ଶୋଭାରେ ସାଗର ଭରି ଉଠୁଥିଲା । କିନ୍ତୁ ଗୋଟିଏ ପଟେ ଏହି ସାଗରଟି ପଙ୍କରେ ଭର୍ତ୍ତି ହୋଇ ପୋତି ହେବାକୁ ବସିଥିବା ବେଳେ ଅନ୍ୟପଟେ ଜବରଦଖଲକାରୀଙ୍କ କବ୍‌ଜାରେ ଏହାର ଆୟତନ କମିବାରେ ଲାଗିଛି । ସତେ ଯେପରି ତାର ସୁରକ୍ଷା ନ ହେଲେ ଆଉ କିଛି ବର୍ଷ ପରେ ନାରାୟଣ ସାଗର ତାର ଅସ୍ତିତ୍ୱ ହରାଇବ । ତେଣୁ ଏହାର ସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଲୋଇସିଂହା ବସ୍ତି ସଂଲଗ୍ନରେ ରହିଛି ନାରାୟଣ ସାଗର, ଯାହାର ପରିସୀମା ୧୩୫ ଏକରରୁ ଉର୍ଦ୍ଧ୍ୱ ଥିଲା । ରାଜାରାଜୁଡା ଅମଳର ଏହି ସାଗରଟି ଲୋଇସିଂହାବାସୀ ସମେତ ଅଂଚଳବାସୀଙ୍କ ପାଇଁ ଏକ ବୃହତ ଜଳାଶୟ ଭାବେ ପରିଗଣିତ ଥିଲା । ଫଳରେ ପାନୀୟ ଜଳ ସମସ୍ୟା ସହିତ ଶହ ଶହ ଏକର ଚାଷଜମିକୁ ଜଳସେଚନ ପାଇଁ କୌଣସି ଅସୁବିଧା ଦେଖାଦେଉନଥିବା ବେଳେ ଦୁର୍ଭିକ୍ଷ ସମୟରେ ମଧ୍ୟ ମାଟିକାମ କରି ବହୁ ପରିବାର ରୋଜଗାରକ୍ଷମ ହେଉଥିଲେ । ଏଥିସହିତ ଏହି ସାଗର ଉପରେ ନିର୍ଭର କରି ବହୁ ସଂଖ୍ୟାରେ ଧୀବର ସମାଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ଲୋଇସିଂହା ସମେତ ପାଣ୍ଡେସରା, ଲୁହୁରାପାଲି ଗ୍ରାମବାସୀ ଉପକୃତ ହେଉଥିଲେ । ଏତଦ ଭିନ୍ନ ଏହି ସାଗରଟି ଅଂଚଳବାସୀଙ୍କ ପାଇଁ ଏକ ଗର୍ବର ପ୍ରତୀକ ଥିଲା । କିନ୍ତୁ ଏବେ ସରକାରଙ୍କ ବ୍ୟାପକ ଯୋଜନା କାର୍ଯ୍ୟକାରୀ ହେଉଥିବା ସତ୍ତ୍ୱେ କେବଳ ଆଡି ମରାମତି, ଆଡି କଂକ୍ରିଟ କରଣ, ସରପ୍ଲସ ନିର୍ମାଣ ନାମରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଥିବା ବେଳେ ଯଥେଷ୍ଟ ଆବଶ୍ୟକତା ଥିବା ପଙ୍କୋଦ୍ଧାର କାର୍ଯ୍ୟ ହୋଇପାରୁନାହିଁ । ଫଳରେ ଜଳସ୍ତର ହ୍ରାସ ପାଇବା ସହ ପାଣି ଦୂଷିତ ହେଉଛି । ଏନେଇ ଅନେକ ସମୟରେ ସ୍ଥାନୀୟ ବୁଦ୍ଧିଜିବୀ ଜବରଦଖଲ ସମସ୍ୟାକୁ ହଟାଇବା ପାଇଁ ପରିସୀମାକୁ ସରକାରୀସ୍ତରରେ ମାପ କରିଥିଲେ ସୁଦ୍ଧା କୌଣସି ପ୍ରକାରରେ ପୂର୍ବାବସ୍ଥାକୁ ଫେରାଇ ହେଉନାହିଁ । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୧୩୫ ଏକର ପରିସୀମା ବିଶିଷ୍ଟ ଏହି ସାଗର ମଧ୍ୟରୁ ପ୍ରାୟ ୭୧ ଏକରରୁ ଉର୍ଦ୍ଧ୍ୱ ହେବ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ । ଫଳରେ ଅନେକ ସମୟରେ ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ଚିହ୍ନଟ ସହିତ ଉଚ୍ଛେଦ ସକାଶେ ପଦକ୍ଷେପ ଗ୍ରହଣ ଆରମ୍ଭ ହୋଇଥିଲେ ସୁଦ୍ଧା ଆଗକୁ ବଢିପାରିନାହିଁ ପଦକ୍ଷେପ । ଯଥା ପୂର୍ବଂ ତଥା ପରଂ ନୀତିରେ ପୁଣି ଆରମ୍ଭ ହୋଇ ଅଟକିଯାଇଛି । ଅନେକ ସମୟରେ ସ୍ଥାନୀୟ ବୁଦ୍ଧିଜିବୀ ନାରାୟଣ ସାଗରର ପୁନରୁଦ୍ଧାର ପାଇଁ ଅଂଟା ଭିଡିଥିଲେ ସୁଦ୍ଧା ସଫଳ ହୋଇପାରିନାହାନ୍ତି । ତଥାପି ଏହି ଐତିହ୍ୟ ସଂପନ୍ନ ନାରାୟଣ ସାଗର ଲୋଇସିଂହାବାସୀ ସମେତ ଅଂଚଳବାସୀଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ପାଣି ମୁନ୍ଦିଏ ଯୋଗଉଥିବା ବେଳେ ବ୍ଲକ ସଦର ମହକୁମାରେ ଥାଇ ମଧ୍ୟ ସରକାରଙ୍କ ବ୍ୟାପକ ଯୋଜନା କାର୍ଯ୍ୟକାରୀ ସତ୍ତ୍ୱେ ଜଳସ୍ତର ବଢିବା ପାଇଁ ଉଦ୍ୟମ ହୋଇନାହିଁ ।

ଏହି ସାଗରକୁ ଯୋଜନା ଭିତିରେ କାର୍ଯ୍ୟକାରୀ କରାଗଲେ ଏକ ବୃହତ ଜଳାଶୟ ସହିତ ନୌବିହାରର ବ୍ୟବସ୍ଥା ହୋଇପାରନ୍ତା । ଫଳରେ କ୍ରମବର୍ଦ୍ଧିଷ୍ଣୁ ଲୋଇସିଂହାବାସୀଙ୍କ ପାନୀୟ ଜଳ ସମସ୍ୟାରେ ସୁଧାର ଆଣିବା ପାଇଁ ଏହି ସାଗରର ପଙ୍କୋଦ୍ଧାର ସହିତ ମାଟିକାମର ଯଥେଷ୍ଟ ଆବଶ୍ୟକତା ରହିଛି । ତେଣୁ ବ୍ଲକ ପ୍ରଶାସନ ସମେତ ଜିଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ଧ୍ୟାନ ଦେଲେ ନାରାୟଣ ସାଗର ତାର ପୂର୍ବ ଐତିହ୍ୟ ଫେରି ପାଇବା ସହିତ ଜନସାଧାରଣ ମଧ୍ୟ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

## ମଦୁଆ ଓ କୁଚିଆଙ୍କ ଉତ୍ପାତ

ବରପାଲି : ସଂପୃକ୍ତ ସହର ଏବଂ ଏହାର ଆଖପାଖ ଅଂଚଳରେ ଦିନକୁ ଦିନ ମଦୁଆ ଓ କୁଚିଆ ମଦ ବେପାରୀଙ୍କ ଉତ୍ପାତ ବଢ଼ି ଚାଲିଥିବା ବେଳେ ଏଥିପ୍ରତି ପ୍ରଶାସନର ନଜର୍ ନଥିବା ସାଧାରଣରେ ଅଭିଯୋଗ ହେଉଛି । ଚୋରା କୁଚିଆ ମଦ ବେପାରୀଙ୍କ ସଂଖ୍ୟା ଅସମ୍ଭାଳ ଭାବରେ ବଢ଼ି ବଢ଼ି ଚାଲିଛି । ସେହି ମାତ୍ରାରେ ମଦୁଆମାନଙ୍କ ସଂଖ୍ୟା ବି ବଢ଼ି ଚାଲିଛି । ଏପରିକି ସାଧାରଣ ଲୋକେ ରାସ୍ତାରେ ଯିବା ଆସିବା କରିବାକୁ ମଧ୍ୟ ଏବେ ସୁରକ୍ଷିତ ମଣୁ ନଥିବା ଅଭିଯୋଗ ହେଉଛି । ଏବେ ଏହି ଅଂଚଳରେ କୁଚିଆ ମଦ ବେପାରୀ ଏକ ବିଶେଷ ଲାଭଦାୟକ ବ୍ୟବସାୟରେ ପରିଣତ ହେବାରେ ଲାଗିଛି । ପ୍ରଚୁର ଲାଭ ଯୋଗୁଁ କୁଚିଆ ମଦ ବେପାରୀମାନେ ବେଆଇନ ଭାବରେ ବ୍ୟବସାୟ ଚଳାଉଥିଲେ ସୁଦ୍ଧା ପ୍ରଶାସନକୁ ତିଳ ପ୍ରମାଣେ ଖାତିର୍ କରୁ ନଥିବା କୁହାଯାଉଛି । କେତେକ ଅସାଧୁ ବିଭାଗୀୟ କର୍ମଚାରୀଙ୍କୁ ବେଶ୍ ହାତଗୁଞ୍ଜା ଦେଇ ସେମାନେ ହାତମୁଠାରେ ରଖିଥିବା ବି ଅଭିଯୋଗ ହୁଏ । ଏଥିପ୍ରତି ପ୍ରଶାସନିକ ମୁଖ୍ୟଙ୍କ ନଜର୍ ପଡ଼ିବା ନିତାନ୍ତ ଆବଶ୍ୟକ ।

# ପୁଣି ଲଜ୍ଜା : ଶିକ୍ଷକଙ୍କ ଦ୍ୱାରା ନବମ ଶ୍ରେଣୀ ଛାତ୍ରୀଙ୍କୁ ୨ବର୍ଷ ହେଲା ଯୌନ ନିର୍ଯ୍ୟାତନା

କଳାହାଣ୍ଡି, (ନିପ୍ର) : କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଂଚଳରେ ପୁଣିଥରେ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି । ଅଭିଯୋଗ ମୁତାବକ ଜଣେ ଶିକ୍ଷକ ଗତ ଦୁଇ ବର୍ଷ ଧରି ଜଣେ ନାବାଳିକା ତଥା ନିରୀହ ଝିଅକୁ ଯୌନ ନିର୍ଯ୍ୟାତନା ଦେଉଥିଲେ । ଏପରିକି ସେ ଉକ୍ତ ଛାତ୍ରୀ ଜଣଙ୍କୁ କିଛି ଦିନ ତଳେ ଘରୁ ପ୍ରଲୋଭନ ଦେଖେଇ ନିଜ ସାଙ୍ଗରେ ନେଇ ଭୁବନେଶ୍ୱର ଯାଇଥିଲେ ଏବଂ ସେଠାରେ ଉକ୍ତ ନାବାଳିକାଙ୍କୁ ବରମୁଣ୍ଡା ବସଷ୍ଟାଣ୍ଡରେ ଛାଡିଦେଇଥିଲେ । ପରେ ମୁଁ ପୁଣିଥରେ ତମ ସହିତ ଯୋଗାଯୋଗ କରିବି ବୋଲି କହିଥିଲେ । ଏପଟେ ଝିଅର ପରିବାର ତରଫରୁ ଏକ ଅପହରଣ ମାମଲା ମ.ରାମପୁର ଥାନାରେ ରୁଜୁ କରାଯାଇଥିଲା । ଥାନାଧିକାରୀ ଏଇ ମାମଲା ରୁଜୁ କରି ଘଟଣାର ଛାନଭିନ୍ ଆରମ୍ଭ କରିବାପରେ ପରେ ମ.ରାମପୁର ଥାନା ଅନ୍ତର୍ଗତ ପଲମଠାରେ ଉକ୍ତ ଛାତ୍ରୀ ଜଣଙ୍କ ରହିଥିବା ସୂଚନା ପାଇବା ପରେ ପୋଲିସ ଏବଂ ପରିବାର ତରଫରୁ ଘର ଲୋକେ ଝିଅକୁ ଆଣିଥିଲେ । ପରେ ମ.ରାମପୁର ଥାନାରେ ଏ ନେଇ ପୁଣିଥରେ ଝିଅ ଗତ ଦୁଇବର୍ଷ ଧରି ବାରବନ୍ଧା ଗ୍ରାମ ପଂଚାୟତର ବେଲଗାଁ ସ୍ଥିତ ସରକାରୀ ବିଦ୍ୟାଳୟର ଶିକ୍ଷକ ହିମାଦ୍ରୀ ମଳୟ ମଙ୍ଗରାଜ ଗତ ଦୁଇବର୍ଷ ଧରି ତାଙ୍କୁ ଭଲପାଉଥିଲେ ଏବଂ ବର୍ତ୍ତମାନ ନବମଶ୍ରେଣୀ ବେଳକୁ ଏହି ଶିକ୍ଷକ ଜଣଙ୍କ ତାଙ୍କୁ ନେଇ ଫେରାର ହୋଇଯାଇଥିଲେ । ତେବେ ଏନେଇ ମ.ରାମପୁର ଥାନାଧିକାରୀ ଜୟଦେବ ତାରିଣୀଙ୍କୁ ପଚାରିବାରୁ ସେ, ଉକ୍ତ ଝିଅ ସହିତ ତାର ଦୁଇବର୍ଷର ସଂପର୍କ ରହିଥିଲା ଏବଂ ପରେ ତାକୁ ନେଇ ସେ ଛାଡିଦେଇଛି । ଏନେଇ ଥାନାରେ ଅଭିଯୋଗ ହେଇଛି, ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚାଲୁରହିଛି । ଅନ୍ୟପଟେ ମ.ରାମପୁର ଅଂଚଳରେ ବାହାର ଜିଲ୍ଲାର ଜଣେ ଶିକ୍ଷକଙ୍କ ଏଭଳି ଜଣେ ନିରୀହ ସରଳ ଝିଅ ପ୍ରତି ଯୌନ ନିର୍ଯ୍ୟାତନାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ତେବେ ଅଭିଯୁକ୍ତ ଜଣଙ୍କ ବିବାହିତ ଏବଂ ତାଙ୍କରି ଘର ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବୋଲି ଜଣାପଡିଛି ।



# ସଁସ୍କୁରୁତିର୍ ଝଲକ୍ ଥି ଝଲ୍‌ସି ଯାଏସି 'ନୂଆଁଖାଇ'

## ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ

କେନ୍‌ସି ଭି ଦେଶର ସବୁନୁ ବଡ଼ ସଂପଦ୍ ତା'ର ଲୋକ ସାଧାରନ୍ । ଇ' ଲୋକ୍ ସଁପଦର ବଡ଼୍‌ତି କାଜେ ବାକି ଯେତେ ବେବସ୍ତାର ଉନ୍‌ମତି ଚାହି । କେନ୍ ବଏଦିକ୍ ଯୁଗେ ଆମର ମୁନିରଷିମାନେ ଇ' ସତ୍ ଉପରେ ଉଧେଇ କରି, ତାକର ଭାବ ଆରୁ ଚେତନା ମାନ୍‌କୁ ଅଲପ୍ ଅଲପ୍ ଶବଦ୍ ଭିତ୍‌ରେ ଛଁଚି ଦେଇଛନ୍ । ବିନ୍ଦୁ ଭିତ୍‌ରେ ସିନ୍ଧୁ କେ ବାନ୍ଧି ରଖିଛନ । କାକର ବୁନ୍ଦା ଥି ସରଗ୍ ଦର୍‌ଶନ କଲା ବାଗିର୍ । ପ୍ରକୃତି କେ ତିଖ୍‌ରେଇ ତିଖ୍‌ରେଇ କରି ଦେଖିଛନ୍ । ବିଧାତାର ବିଶ୍ୱ ପରିବାର ଚଲାବାର ନୀତି ନିଅମ୍ କେ ହେଜିଛନ୍ । ମାଏଟ୍ ମାଆଁ, ସୂରୁଜ୍ ଦେବ୍‌ତା, ଇନ୍ଦର୍ ରଜା, ପବନ୍ ଦେବ୍‌ତା ଆରୁ ମୁଡ୍ ଉପ୍‌ରର୍ ସରଗ୍ ଛତ୍‌ରି, ପୁର୍‌ଥୀର ଜୀବ ଆରୁ ଜଡ଼୍ ଜଗତ୍‌କେ ପୁଟ୍‌ଲେଇ କରି ଧରିଥିବାର ସତର ସନ୍ଧାନ କରିଛନ୍ । ଇ' ସତ୍‌କେ ବଖାନିଛନ୍ ମନ୍ତର ମାନ୍‌କର୍ ଭିତ୍‌ରେ – ସଭେ ସୁଖେ ରହୁନ୍, ନିରୋଗ ରହୁନ୍, କେନ୍‌ସି ଭି ଦୁଃଖ୍ ଦୁର୍‌ଦଶାର ଦଲ୍‌ଦଲିଥି ନେଇଁ ପଡ଼ିକରି, ଉଲେଦୁଲେ ବଁଚିଥଉନ୍ । ସୁରୁଷ୍ଟିର କୁଶଲ ମଙ୍ଗଲ କାଜେ, ମାହାପୁରୁ ସବୁନୁ ଯହ ଅକଲ ଉହାଟ ଖଯେଇ କରି, ମନପସନ୍ଦ ରଙ୍ଗ ରସ ମଖେଇ କରି ଗଢ଼ିଥିବାର ମୁନୁଷ୍ ପୁତ୍‌ଲା କେ ଭିଲ୍ ଚେତେଇ ଦେଇଛନ – ଚାର୍‌ହିକୁତି ତୋର୍ ଲାଗି ଅମ୍‌ରୁତ୍ ଛିଁଚିଛେଁ ପୁତା, ତାକେ ତୁଇ ଭୋଗ୍ କର୍‌ବୁ ଆରୁ ତୋର୍ ମେତାନ୍ ଭୋଗ୍ କର୍‌ବାର ମଉକା ଦୁସ୍‌ରା ମାନ୍‌କୁ ବି ଦେବୁ ।

ପୁଥୀ ପୁରାନର୍ ଇ' ନିର୍‌ଦେଶ କେ ତଉଲି ଲେ, ସାମ୍ୟବାଦୀ– ସମାଜବାଦୀ ଦର୍‌ଶନ ଆମର ଦେଶୁ ନ ବିଦେଶ କେ ଯେଇଛେ ଆରୁ ସେଠାନର୍ ରଙ୍ଗ ରସ୍, ମସ୍‌ଲା ଥି ଆଉଟା ହେଇକରି ଆମର୍‌ଟା ଆମର୍ ନିକେ ଫିରିଛେ ବଲି କହି ପାର୍‌ମା । ସମିହାର ଚଲନ୍ ସାଙ୍ଗେ, ପୁର୍‌ବାପାତିନୁଁ ବୁହି ଆଉଥିବାର ଇ' ଧାର, ସଁକ୍‌ରି ଯଉଥିଲେ ଭିଲ୍ ବିଲ୍‌କୁଲ୍ ଟୁଟ୍‌କି ନେଇ ଯିବାର୍ । ଇ' ପରମ୍ପରାର୍ ବନିହାନ୍ ଝଲକ୍ ଆମର ଲୋକ୍ ପରବ୍ 'ନୂଆଁଖାଇ' ନ ଫଟିକ୍ ବାରି ହେସି ।

ପୁରାନ୍ ଶାସ୍‌ତର୍‌ଥି ଦକ୍ଷିଣ କୋଶଲ ବଲି ଚିହ୍ନୋଟ୍ ହେଇଥିବାର ବାହି ଭିତ୍‌ରେ, ଆମର୍ ପଶ୍‌ଚିମ୍ ଉଡ଼୍‌ଶାର ଏଗାରଟା ଜିଲ୍ଲା ସାଂଗେ ଛତିଶଗଡ଼୍ ଆରୁ ଝାର୍‌ଖଁଡ଼ର ଥୁଡ଼େ ଥୁଡ଼େ ଇଲାକା ରହିଛେ । ନୂଆଁଖାଇ ଆରୁ ଏକା ବର୍‌ଗିଆ ପୁଷ୍‌ପୁନି ତିହାର ଇ' ଜାଗାମାନ୍‌କୁ ପାଲନ୍ କରାହେସି । 'ନୂଆଁଖାଇ' ମେଲ୍ ମେଶାନ୍‌ର ପରବ୍ । ଧର୍‌ନୀ ମାଁ ନୂଆଁ ଅରନ୍ ଦେସି । ଇଥି, ଜୀବଜଗତ୍‌କେ ପାଲିପୁଷି କରି ସୁରୁଷ୍ଟି କେ ସଁଭାଲି କରି ରଖିବାର ଧର୍‌ତୀ ମାଁର ପ୍ରତିଶ୍ରୁତି ଥିସି । ପ୍ରକୃତିର ଇ' ଅନୁଶାସନ ଜୀଇଁବା ଖାଏବାର କେତ୍‌ନି କେତେ ଆଶା ଭର୍‌ସା ଭରି ଦେସି । ଇ' ଥିତି କେ ଉଷତ୍ ଉସ୍‌ନାକ୍ କେ, ଗହକି ସଉକି ଥି ପର୍‌ଘଟ କର୍‌ସନ୍ ପଶ୍‌ଚିମ୍ ଉଡ଼୍‌ଶା ଆରୁ ଗୁଟାମୁଟା କୋଶଲବାହିର୍ ଲୁକେ 'ନୂଆଁଖାଇ' ପରବ୍ ପାଲି କରି ।

ଆମର ଦେ'ଦେବ୍‌ତୀର ଛତର୍ ଛଏଁରା ତଲେ, ଉଲେଦୁଲେ, ଲାଡ଼େଗେଲେ, ଉଷତ୍ ଉସ୍‌ନାକେ ମେଶିଗୁଲି କରି ରହେବାର୍ ଚଲନ୍, ପହେଲା ସୁରୁ ପରମ୍ପରାର ରୂପ ନେଇକରି ମୂଲ୍ ହେଇଛେ ଡଙ୍ଗର୍ ପର୍‌ବତେ ଲୁଖ୍‌ରା ଜୀବନ ଜୀଉଁଥିବାର ଅମ୍‌ରୁତର୍ ସନ୍ତାନ ମାନଖର୍ ଅକଲ୍ ଉହାଟୁ । ଠିକ୍ କେଭୁଁ, କେନ୍‌ଠାନୁ କହେବାରଟା ସହଜ୍ ନୁହେଁ । ନଏଦ୍ ଝର୍‌ନା ତ' ଉଁଚା ଠାନୁ ନୀଚାକେ ଡେଗି ଉଧ୍‌ଲି କରି ଚହଲି ଆଏସି । ସୁରୁଷ୍ଟିର୍ ଇ' ନିଅମ୍‌କେ ଅନ୍‌ସରି କରି, ପିଛ୍‌ଲା ବର୍‌ଗର ଭାବ୍‌ସଂପଦନୁ ଜନମ ହେଇଥିବାର ଇ ଲୋକ ପରବ, ଶିକ୍ଷା ସଭ୍ୟତାର ଉଜଲା, ସପାଟ୍ ଭୂଇଁ କେ ଉତୁରି ଆଇଛେ । ଇନର୍ ମହାନ୍ ପରମ୍ପରା ସାଂଗେ ସାମିଲ୍ ହେଇଛେ । ଇ' ମେଲ୍‌ମେଶାନ୍, ଦିଆନିଆ ଭିତ୍‌ରେ 'ନୂଆଁଖାଇ'ର ମୂଲରୂପ ବନିହାନ ବଦଲିଛେ – ବଦ୍‌ଲି ବଦ୍‌ଲି ଯଉଛେ ବି ସମିହାର ଚଲନ୍ ସାଁଗେ । ତ, ସମାଜ ବଏକୁଁଠର୍ ସପନ୍‌କେ ସତର୍ ବସ୍‌ତର, ଆଏ ଅଲଁକାର ପିନ୍ଧାବାର ଚଲନ ସେନ୍‌ତା ରହିଛେ । ମୁଟାମୁଟି ହିସାବ୍ କଲେ, ସୁଖ-ଶାନ୍ତି- ଆନନ୍ଦମଏ ଜୀବନ ଧାରର୍ ସପନ୍ ଛଁଚିଥନ୍ ଇଥି ଆମର ପୂରୁବ୍ ପୁରୁଷମାନେ । ଆଏବାଦି ନେ, ଉଷତ୍ ଉସ୍‌ନାକ୍ ଆରୁ ଆରୁ ପର୍‌ଘଟ ହଉ ଲୋକପରବ 'ନୂଆଁଖାଇ' ପରବ୍ ଭିତ୍‌ରେ । ଇ' ମଉକା ଥି ଆମର ଦେ'ଦେବ୍‌ତୀର୍ ନେ ଏତ୍‌କି ଗୁହାରୀ ।





# କେନ୍‌ତା ଲାଗ୍‌ସି ଜୀବନ୍

## କୃଷ୍ଣଚନ୍ଦ୍ର ବାରିକ

ବେଲ୍‌ବୁଡ଼ାର୍ ଅନ୍ଧାର୍ ଘେରି ଆସ୍‌ଲା-ଡ଼ଙ୍ଗର୍ ଝର୍‌ନା ଦେହେଁକେ ଲାଗି, ଅମରି ଜଙ୍ଗଲ୍‌ର ତରେ ଗାଏତୁକା ଉକିଆ ଥି ଖୋବ୍ ଚମ୍‌କିଲା ଦିଶୁଥିଲା ବସନ୍ତ କାଲର୍ ତରାଭରା ମେଘ୍ ତଲେ ଛୋଟ୍ ଗାଆଁ ଗୁଟେ । ମାଏଟ୍ ଉପ୍‌ରୁ ଗୁଟେ କୁହୁଡ଼ି ଘେରା, ଜଙ୍ଗଲ୍ ଛାଏଁ କେ ଲମେଇ କରି ଗାଆଁ ଖାଲି ଜାଗା ମାନ୍‌କେ ଝୁରେ ବୁଝା ନୀଲିଆ କୁହୁଲା ଥି ଭରି ଦେଲା । ସବୁ ଯେନ୍ତା ଅଟକ୍ । ଶାନ୍ତ୍ ଆର୍ ମୁହିଁଲା ସାରା ଗାଆଁଟା ଶାନ୍ତ୍ ଭାବେ ଶୁଇ ପଡ଼ିଛେ ।

ଭଙ୍ଗାରୁଜା ବଖ୍‌ରାମାନେ ହାଡ଼୍ କଁକାଲିବାରି ହଉଛେ । ଠାନ୍ ଠାନ୍ ଉକିଆ ଜଲୁଛେ, କେତେବେଲେ କେନ୍ତା ଗେଟ୍ ଖୁଲ୍‌ବାର୍ କେଏଁ କେଏଁ ଶବଦ୍ ଶୁଭୁଛେ । କି ସାଙ୍ଗେ ସାଙ୍ଗେ ଗୁଟେ କୁକୁର୍ ଭୁକିକରି ଫେର୍ ରହି ଯଉଛେ । ଝାର୍ ପତ୍‌ରା ଜଙ୍ଗଲ୍ ଭିତ୍‌ରୁ କେଭେଁ ଦେଖିଦେସି ଝନେ । ବାଟ୍ ଚାଲୁ ବାହାରି ଆସୁଛେ, କି ଝନେ ହଲିଆ ଶଗଡ଼ର୍ ଚକାର୍ କେଁ କଟର୍ ଶବଦ୍‌ଥି ପଲେଇ ଯଉଛେ । ଜଙ୍ଗଲ୍ ଭିତ୍‌ରେ ଠାନ୍‌କେ ଠାନ୍ କୁରିଆ ଘରେ ସେମାନେ ରହେସନ୍ । ନୃସିଂହ ଚତୁର୍‌ଦଶୀ ଦିନ ହରିଶଙ୍କର୍ ଉଛବ୍‌ଥି ସେମାନେ ପଲେଇ ଯାଏସନ୍ ଗନ୍ଧମାର୍‌ଦନ୍ ପରବତ୍ ଉପର୍‌କେ ପୂଜା କରି । ଗାଆଁର୍ ମଝାଥି ଛୋଟ୍ ଚଟାନ୍, ଉପ୍‌ରେ ମନ୍ଦିର୍, କେନ୍ ଯୁଗୁଁ ବନା ହେଇଛେ ଇନ ଗୁଟେ ଛୁଟିଆ ଡାକ୍ତର୍‌ଖାନା, ଅନ୍ଧାର୍ ନୀଲିଆ ମେଘ୍ ତଲେ ଠାଡ଼୍ ହେଇଛେ ।

ବୁଢ଼ା ଚଉକିଦାର୍ ରଘୁ ଯେତେବେଲେ ଶିଢ଼ିଥି ଚଢ଼ି ଡାକ୍ତର୍‌ଖାନାର୍ କବାଟ୍ ଖୁଲ୍‌ବାକେ ବାହାର୍‌ଲା, ତାର୍ ହାତେ ସେତେବେଲେ ଛୋଟ୍ ଲାଲଟିନ୍‌ଟେ ଝୁଲୁଥୁଲା, ଲାଗୁଥୁଲା ସେଟା ହେବା ମହାଶୁଇନ୍‌ର ଗୁଟେ ତରା ।

ତାର୍ ବାଗିର୍ ବୁଢ଼ା ଲୋକ୍ ଏତ୍‌କି ରାତି ଡ୍ୟୁଉଟି କର୍‌ବାର୍‌ଟା ବଡ଼ା କାଏଡ଼୍ ହେବା । ତାର୍ ପାଦ୍ ଦୁଇଟା ଇଛେନ୍ ଯେନ୍ତା ଥକି ଯେଇଛନ୍ । ଆଏଁଖ୍ ବନେ କରି ନେଇଁ ଦେଖିବାର । ତାର୍ ବାଗିର୍ ବୁଢ଼ାଲୋକ୍ ଏଛେନ୍ ପୁରାପୁରି ଫୁର୍‌ସତ୍ ଥି ରହେବାର୍ କଥା । ହେଲେ ଭଗ୍‌ବାନ୍ ତାହାକେ ମରନ୍ ନେଇଁ ଦେବାର୍, ସେ ତାର୍ ପୁଅମାନ୍‌କର୍ ନାତିମାନ୍‌କୁ ସମ୍‌କୁ ପୁଡ଼େଇଛେ । ତାର୍ ସାଙ୍ଗର୍ ଲୋକ୍ ମାନ୍‌କର୍ ମୁର୍‌ଦାର୍ ବୁହି ମଶାନ୍ କୁଦା ତକ୍ ଯେଇଛେ । ହେଲେ ସେ ନିଜେ ବାଁଚିଛେ । ଇ ବାଁଚି ରହେବାର୍ ତାକତ୍ ଖୋବ୍ ତାକତ୍ । ଜୀବନ୍ ଥି କେତେ କେତେଥର୍ ଇ ହରିଶଙ୍କର୍ ମେଲାକେ ସେ ଡ଼ାକିଛେ ହାକିଛେ । ସେ ସୋର୍ ନାଇଁକରି ସେ କେତେଦିନ୍ ହେଲା ଇ ଡାକ୍ତର୍‌ଖାନାର୍ ଚାବି ଖୁଲିଛେ ବନ୍ଦ୍ କରିଛେ; ତାର୍ ବି ସୋର୍ ନାଇଁନ । ସେ ଇନ' ଯୁଆନ୍ ବଏସୁ ନକ୍‌ରି କରୁଥୁଲା, ରିଟାଏଡ୍ କର୍‌ବାର ଯୁଗେ ହେଇଗଲାନ' । ହେଲେ ଲୋକ୍ ତାହାକେ ଇନୁଛାଡ଼ି ନେଇଁ ଦେବାର୍ କି ସେ ଲୋକ୍‌କୁ ଛାଡ଼ିନାଇଁ ପାରବାର୍ । ରିଟାଏଡ୍ ପରେ ବି ସେ ଯେନ୍ତା ରିଟାଏଡ୍ ନାଇଁ କର୍‌ବାର୍ ।

ବୁଢ଼ା ଡ଼ାକ୍ତର୍‌ଖାନା ବର୍‌ଣ୍ଡା ଉପର୍‌କେ ଚଘି ଚାର୍‌ହିଆଡ଼ର୍ ରେଲିଂରେ ଉଧା ଦେଇ ଠାଡ୍ ହେଲା । ତଲର୍ ଅନ୍ଧାରେ ଡାକ୍ତର୍‌ଖାନାର୍ ଚାର୍‌ହିଆଡ଼େ ଆଏଁଖ୍ ପକେଇ ସେ ଦେଖିଲା, ଗାଆଁର୍ ମଶାନ୍ କୁଦାକେ । ସେନୁ ଏକା ପର୍ଛା ଦିଶ୍‌ସି । ଜୁହ୍ନା ଲାସ୍ ପୁଡ଼ା ଖୁଟା ଦୁଇଟା ଦୁଇହାତ୍ ମେଲେଇ ନଙ୍ଗ୍‌ଲା ଗୁଲଗୁଲା ଖାର୍ କଲାକେ ଯେନ୍ତା ଆବ୍‌ରି ଧରିଛେ । ସେ ତାର୍ ଉପ୍‌ରେ ଠାନେ ଠାନେ କେ ଠାଡ୍ ଉଠିଛେ କେତେଟା ପତର୍ ନେଇଁଥିଲା ତୁଲ୍‌ସୀ ଗଛ୍ । ଡାକ୍ତର୍‌ଖାନାର୍ ବାଡ଼ା ତରେ ଫୁଟି ଥିବାର୍ ମଲ୍ଲିଫୁଲର୍ କଅଁଲ୍ ବାସ୍‌ନା ତଲୁଆସି ରଘୁର୍ ନାକେ ବାଜ୍‌ଲା । ଇ ବାସ୍‌ନା ଯେନ୍ତା ବୁହି ଆନ୍‌ଲା ଶେଷ୍ ଝୁମ୍‌ରାର୍ ହାରିଗଲା ସୋର୍ । ଆଏଜ୍ ଠାନୁ ଗୁଟେ ବଛର୍ ଉତ୍‌ରୁ ସେ କେନ୍ ଠାନେ ଥିବା ? ଫେର୍ କାଣା ଇ ସିଡ଼ି ଥି ଚଘିଆସି ଇ ବର୍‌ଣ୍ଡା ଥି ଠାଡ୍ ହେଇ ଘୁଚ୍‌ଲା ରାଏତ୍‌କେ ଫେର୍ ଉଠାବା ସେ ? ନେଇଁ ତାର୍ ଇ ମଶାନ୍‌କୁଦାର୍ ଗୁଟେ କୁନେ ଚାଏର୍‌ଟା ଖୁମା ମଝି ଶୁଇଥିବା ସେ ? ସେ ତ' ରେଡ଼ି ହେଇଛେ । ଇତାର୍ ଭିତ୍‌ରେ ପରମ୍ କାରୁଣିକ୍ ହରିଶଙ୍କର୍ ଆର୍ ଥରେ ତାହାକେ ଇ ହରିଶଙ୍କର୍ ମେଲାର୍ ବସନ୍ତ୍ ଥର୍‌ଥରା ରାତି ଉଂଜ୍‌ଲେ ଫୁଲ୍ ରୁକି ଉଭାଗର୍ କର୍‌ବାକେ ଆନନ୍ଦ୍ ମଞ୍ଜୁର୍ କ୍‌ରିଛନ୍ ।

ତାର୍ ଆଏଁଖ୍ ପଲେଇ ଗଲା ଉପର୍‌ର ଲାଖ୍ କୋଟି ତରାର୍ ଝିକ୍‌ମିକ୍ ଉଁକିଆଥି ଉଜାଲା ସରଗ୍ ଆଡ଼କେ । ସେ କପାଲେ ଛାତିଥି ଆର୍ ବାହା ଦୁଇଟାଥି ଚିହ୍ନା ଟାମ୍‌ଡ଼ିଲା । ....ରଘୁବାବୁ ! ଏ ରଘୁବାବୁ ବାହାରୁ ଝନେ ବୁଢ଼ାର୍ ଥର୍‌ଲା ସୁର ମାଡ଼ି ଆସ୍‌ଲା । ରଘୁ ତାହାକେ ଦେଖୁଛେ । ବୁଢ଼ା ରଘୁକେ ଦେଖିବାକେ ଉପେ କରୁଛନ୍ ହାତେ ଉଦା ଆଏଁଖ୍ ଦୁଇଟାକେ ଉହାଡ଼୍ କରି ।

– କାଣା କହୁଛ ? ମୁଇଁ ତ' ଇନେ, ବାହାର୍‌କେ ଦେଖି ରଘୁ କହେଲା । ତମେ କାଣା ମତେ ଦେଖି ନାଇଁ ପାର୍‌ବାର୍ ?

– ନାଇଁ, ମୁଇଁ ଦେଖି ନେଇଁ ପାରବାର୍ ! ମୋର୍ ସୋର୍ ହଉଛେ । ଡାକ୍ତର୍‌ଖାନା ଖୁଲ୍‌ବାର୍ ସମିଆଁ ହେଇଗଲାନ' । ତମେ କାଣା କରୁଛ ? ଜଲ୍‌ଦି ସାର', ଗୁଡ଼ିଥି ଆଲ୍‌ତୀ ବେଲେ ମାନ୍ଦଲ୍ ବଜାବ ।

ଦୁହିଝନ୍ ଉପର୍‌କେ ଦେଖିଲେ । ଭଗବାନ୍‌ଙ୍କର୍ ଉଁକିଆ ଚିକ୍‌ମିକ୍ ହେଉଛେ । ରଘୁ ଟିକେ ଭାବ୍‌ଲା । ତାର୍ ଉତ୍‌ରୁ କହେଲା: ନାଇଁ, ଇଛେନ୍ ବି ସମିଆଁ ନେଇଁ ହେବାର୍, ସମିଆଁ ହେଲେ ମୁଇଁ ଜାନି ପାର୍‌ମି । ଆଲ୍‌ତୀ କର୍‌ବାର୍ ଲାଗି ତାହେଁରୁ ଗୁଡ଼ି କେ ଯିମା, ମାନ୍ଦଲ୍ ବଜାମା !

ହଁ, ସେ ପୁରା ଜାନି ପାର୍‌ବା । ତାହିର୍ ଲାଗି ତାର୍ ଘଡ଼ି ଦେଖିବାର୍ ଦରକାର୍ ନେଇଁ । ଉଦ୍‌ଲା ତରା ମାନେ ଏକା ତାହାକେ କହିଦେବେ, ରାତି ଏମାର୍ଜେନସି ଡ୍ୟୁଟି କେତେବେଲେ, ଡାକ୍ତର୍‌ଖାନା ଖୁଲା ହେବା । ସରଗ୍ ଆର୍ ମର୍‌ତିଅ.... ଶୁଇନ୍‌ର ଛାତିଥି ଇଆଡ଼୍ ସେଆଡ଼୍ ଟହଲୁ ଥିବାର୍ ଧୋପ୍ ମେଘର୍ ମୁଡ଼ା ଅନ୍ଧାର୍ ଘେରା ଇ ଜଙ୍ଗଲ୍, ସେ ପାଏନ୍ ଧାର୍‌ର କୁଲ୍‌କୁଲ୍ ଶବଦ୍ ଆର୍ ଶୁଖିଲା ପତରର୍ ଫଡ଼୍‌ଫାଡ଼୍ ଶବଦ୍..... ଇଥିର୍ ସାଙ୍ଗେ ହର୍‌ମେସା ଜୁରାଜୁରି । ଛୁଚାଟାକେ ସେ କାଣା ଜୀବନର୍ ଏତ୍‌କି ବଛର୍ ଇଠାନେ କଟାଲା ?

ଧୁରିଆ ଗଲା କଥା ତା'ର୍ ଆଏଁଖ୍ ଆଘେ ବୁହି ଯଉଛେ । ମନେ ପକାଲା ସେ କେଭେ କେନ୍‌ଦିନ କେନ୍ତା ଇ ଡାକ୍ତର୍‌ଖାନାକେ ଆସ୍‌ଲା, ଭଗବାନ୍-କେତେଦିନ୍ ଆଘର୍ ସେ ଘଟ୍‌ନା – ତବି ସୋର୍ ହେସି, ଇଟା ତ ସେଦିନ୍ ! ନିଜର୍ ପିଲା ବେଲ୍‌କେ ସେ ଦେଖିପାରୁଥୁଲା । ସେ ପିଲାଟାର ମୁଡ଼େ କୁଁଚ୍ କୁଁଚ୍ ବାଲ୍ ଯା'ର୍ ମୁଡ଼୍‌ଥି । ଗୁଟେ ପବନ୍– ସେ ପବନ୍ ପଥର୍ ଧୁଇଲ୍ ଉଡ଼ାବାର୍ ପବନ୍ ନୁହେଁ– ଯେନ୍ ପବନ୍ ନିଶବଦ୍ ଡେନାଥି ଭରା ଦେଇ ଭିଡ଼ି ଯାଏସି ସେ ପବନ୍‌ଥି ତାର୍ ମୁଡ଼ର୍ ବାଲ୍ ଉଡୁଛେ । ଆଏଁଖ୍ ଥି ଯୁଆନ୍ ପନର୍ ଚମକ୍ । ତଲେ ବହୁତ୍ ତଲେ ଛୋଟ୍ ଛୋଟ୍ ମୁନୁଷ୍‌ମାନେ ଚଲାବୁଲା କରୁଛନ୍, ଗାଆଁ କେଡ଼େ ଛୋଟ, ଦିଶୁଛେ ଇ ଠାନୁ । ଜଙ୍ଗଲ୍ ଘୁଚି ଯେଇ ଜାଗା କରି ଦେଲା, ସେଠାନେ ବନିଗଲା ଇ ଗାଆଁ ସେ ଠାନେ ଅଛେ– ମୋର୍ ଯାହା କିଛି ସବୁ ସେଠାନେ ହିଁ । ବୁଢ଼ା ହଁସ୍‌ଲା ମନେମନେ । ଇଟା ଜୀବନର୍ ଧାର୍ । ଯୁଆନ୍ ଯେ, ସେ ଇତାର୍ ଶେଷ୍ ଦେଖି ନାଇଁ ପାରେ । ହେଲେ ଇଛେନ୍, ଇତ ମୁହୁଁ ଆଘେ ତାର୍ ହାତ୍‌ମୁଠା ଭିତ୍‌ରେ ସେ ଶେଷ୍, ପହେଲା ଥୁ ମଶାନ୍‌କୁଦା ତକ୍ ସେ ଜମିନର୍ ଗୁଟେ କୁନ୍ ସେ ନିଜର୍ ଲାଗି ପସନ୍ଦ୍ କରି ରଖିଛେ, ଭଗବାନ୍‌ଙ୍କର୍ ନାଆଁ ମହିମାନ୍ୱିତ୍ ହଉ ! ଇଥର ଥକି ଯିବାର ଶୁଇବାର୍ ସମିଆଁ ଆସିଛେ । ଜୀବନର୍ ବଡ୍ ବୁଝା ସେ ସସମ୍ମାନ୍ ଦେଇ ବୁହି ଆସିଛେ । ଏତ୍‌କି ତଲର୍ ଉଦା ଆରୁ କାଁକର୍ ମାଏଟ୍‌କେ ଲାଗ୍‌ସି ମାଆଁ ବାଗିର୍, ଜଲ୍‌ଦି ... ହଁ ଜଲ୍‌ଦି । ହେଲେ ସମିଆଁ ହେଇଥିବା ଗଲା । ରଘୁ ଥରେ ଆଏଁଖ୍ ଉଠେଇ ତରାମାନ୍‌ଙ୍କୁ

(ପଂଚମ ପୃଷ୍ଠା ଦେଖନ୍ତୁ)

# ଗଉରୀ

ଅଂଜଳି ପଟ୍ଟନାୟକ

ଗଉରୀ ହୁଁ କହେନି ଆଜିକାଲି
ସାଧବ କଥାରେ
ହୁଁ ମାରିବା
ଛାଡ଼ିଦେଲା ବୋଲି
କହିପାର ତୁମେ
ହେଲେ ଅସଲ କଥା
ସେଇଆ ନୁହେଁ,
ହୁଁ ମାରିବା ତାକୁ
ଭଲ ଲାଗୁନି ଆଉ ।

ରଜାପୁଅକୁ ଡରେନି
ମରଜିରେ କାଚ କିଣେ ସେ
ବୁଢ଼ା କାଚେରା ଝୁଡ଼ିରୁ ନୁହେଁ
ଆଲିସାନ୍ ମଲ୍‌ରୁ
ଯୋଉ ଭିଡ଼ରେ
ନିଜକୁ ଖୋଜି
ପାଉଥାଏ ସେ
ଥରକୁ ଥର ହଜୁ ହଜୁ,
ବନ୍ଦ ଝର୍‌କାର
ଗୁମୁରା ପବନ ନୁହେଁ
ଖୋଲା ପବନର ପ୍ରଶ୍ୱାସଟେ
ନଉ ନଉ ।

ଖୋଲା କେଶରେ ବି
ଖୁବ୍ ଲୋଭନୀୟ ସେ
ବାରହାତି
କେଶକୁ ସାଇତି
ଫରୁଆରେ ରଖିବା
ଦରକାର ପଡ଼େନି,
ବେଧଡ଼କ୍ କେଶବତୀ
କେଶ ଶୁଖାଏ,
ଘୋଡ଼ା ତଣ୍ଟିରେ
କେଶ ଲାଗିବାର ଭୟନାହିଁ,
ରଜା ପୁଏ ବି
ଘୋଡ଼ା ଚଢୁଛନ୍ତି ଆଉ କାହିଁ ?



ପାଟରାର ପାଟରେ
ବାଂଧୁନି ନିଜକୁ
କୋଉଁ ଦିନୁ ସେ
ଖୋଜୁନି ନୋଥ କି ଫୁଲଗୁଣା
ନିଃଶ୍ୱାସର ଯେତେ କଟକଣା
ସେସବୁ ତ ଏବେ
ବାଟବଣା ତା' ପାଇଁ... ।

ଶକ୍ତପାଦ ତା'
ପଦପାତି ପାରେ
ମଜ୍‌ବୁତ୍ ଭାବେ
ଭୂମି ପରେ,
ପାଦ ଶକ୍ତ କରିବାକୁ
ପାହୁଡ଼ର ଓଜନ ଲୋଡ଼େନି !

ରଜାଘର ଖେଳ ବି
ସେ ବୁଝେ କିଛି କିଛି
ଝିମିଟି ଖେଳ
ମହାଭାରତ
ନୁହେଁ ତା ପାଇଁ ଆଜି,
ସେ ବି ଖେଳାଳି
ବିପକ୍ଷ ଦଳର
ବାଜି ଦେଇ
ବାଜି ନେବା
ସେ ଖୁବ୍ ଶିଖିଛି ।

ପାଠ ତା' ପାଖକୁ
ଆସେନି ଏବେ
ସେ ଯାଏ
ତା' ପସନ୍ଦର ପାଠ ପାଖକୁ ।
ଦୀର୍ଘଶ୍ୱାସ ନେଉ ନେଉ
ନିଜକୁ ଉନ୍ମୁକ୍ତ
କରେ ସେ ।
ହୁଁ ମାରିବା
ଗଉରୀ ଭୁଲିଯାଇଛି
ନା' କହିବା
ଶିଖୁ ଶିଖୁ । ।

# କେନ୍‌ତା ଲାଗ୍‌ସି ଜୀବନ୍.............. (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଦେଖ୍‌ଲା, ହାତ୍ ଜୁରି ମହାପୁରୁକେ ଜୁହାର୍ କଲା । ରବିଧରି ଡାକ୍ତର୍‌ଖାନାର୍ ତାଲା ଖୁଲ୍‌ଲା, ଲାଲ୍‌ଟିନ୍‌କେ ଟିକେ ତେଜି ଦେଲା । ସେ ଘଡ଼ି ସେ ଉଁକିଆ ରାତିର୍ ଅନ୍ଧାର୍ ଥି ସେ ଉଁକିଆର୍ ଉଜାଲା ଝଲ୍‌ସି ଉଠ୍‌ଲା । ତାହେଁରୁ ଗୁଟେ ପରେ ଗୁଟେ ଉଜାଲା ସେ ପବିତ୍ର ମୁହୂର୍ତ୍ତକେ ଚିହ୍ନାଲା । ସେ ଉଁକିଆ ଦପ୍ ଦପ୍ ଅଟଲ୍ ସଂଗୀତ୍ ସମିଆଁ ।

ରଘୁ ହରିଶଙ୍କର୍ ମନ୍ଦିର୍‌କେ ପଶ୍‌ଲା ଦିନୁ ଆଲ୍‌ତୀ ସମିଆଁକେ ମାନ୍ଦଲ୍ ବଜାସି । ସେ ଘଁଟ, ଶଂଖ୍ ସାଙ୍ଗେ ମାନ୍ଦଲ୍ ବଜଉଥିଲେ, ଆଖର୍ ପାଖର୍ ଲୋକ୍ ଜାନି ଯାଏସନ୍, ରଘୁର୍ ଟପା, ତାଲ୍, ଲଏ, ମାନ୍ଦଲ୍ ତାଲ୍ ଭିତ୍‌ରେ ତାର୍ ଭକ୍ତି ତାର୍ ଶକ୍‌ତି, ତାର୍ ମାନ୍ ଅଭିମାନ୍, ଦୁଖ୍ ସୁଖକେ ପର୍‌ଶି ଦେସି । ରଘୁ ମାନ୍ଦଲ୍ ତାଲେ ତାଲେ, ସେ ମାନ୍ଦଲ୍ ବଜଉ ଥିଲେ ମାହାଦେବିଆ ପୂଜାରୀମାନେ ତହିଁକି ତହଁକି ଆଲ୍‌ତୀ ଚଢ଼ଉଥିବେ । ସେ ବଜଉଥିଲେ ଠାଟ୍ ପଟୁଆ ଲୋକ୍ ଉବ୍‌ଡ଼ି ହେସନ୍ ମନ୍ଦିର୍ ଭିତ୍‌ରେ । ତାର୍ ପାର୍ ତାର୍ ଠାନି ମାନି ଥି ମାନ୍ଦଲ୍ ତାଲେ ତାଲେ ସବ୍‌କର୍ ଭକ୍ତି ଭାବ୍‌ନା ଆର୍ ଆର୍ ଉଜାଗର୍ ହେସି । ସେ ନେଇଁ ଆସ୍‌ଲେ ତାହାକେ ଟାକିଥିବେ, ଯେନ୍ତା ମହାପୁରୁ, ପୂଝାରୀ, ଶଁଖୁଆ, ଘଁଟୁଆ ଆର ଭକତ୍ ଗହଲି । ଏଭେ ଆରୁ ସେ ସେ ତୁଡ଼େ ବଜେଇ ନାଇଁ ପାର୍‌ବାର୍ । ତବି ତାର୍ ହାତର୍ ଯେନ୍ତା ଶବଦ୍ ଏଭେ ବି ବେସୁରା କି ବହଁଡି ନିହେ ଯାଏ ତାଏଲ୍ । ଏଭେ ନୂଆଁ ନୂଆଁ ବଜ୍‌ନିଆଁ ବାହାରଲେନ । ହେଲେ ବି ରଘୁ ବାଗିର୍ ଭାବ୍ ଭକ୍ତି ପୁର୍‌ଲା ପାର୍‌ର ସଭେ ତଲ୍‌କେ । ଡାକ୍ତର୍‌ଖାନା ଥୁ ମନ୍ଦିର୍ ବନେ ଧୁରିଆ ପଡୁଛେ । ଯିବାର୍ ଆସ୍‌ବାର୍ ଲାଗି ରଘୁର୍ ବଲ୍ ନାଇଁ ପୁର୍‌ବାର୍, ତବି ମନ୍ ପୁରାପୁରି ଅଛେ । ଏଛେନ୍ ବି ସେ ଯେଇକରି ମାନ୍ଦଲ୍ ବଜେଇ ଆଲ୍‌ତୀ କର୍‌ତା, ବଏସ୍ ଲାଗି ତାହାକେ ହାରି ଯିବାର୍‌କେ ହଉଛେ, କାଆଁ କର୍‌ବା ?

କବାଟ୍‌କେ ଅଜେଇ ଦେଲା । ମନ୍ଦିର୍ ଆଲ୍‌ତୀ, ଶଂଖ, ଘଁଟ ବାଜି ଉଠ୍‌ଲା । ରଘୁ ତର୍‌ସର୍ କବାଟ୍ ଅଜେଇ ପାହେ ପାହେ କରି ଇ ସମିଆଁ ଥି ମନ୍ଦିର୍ ଭିତ୍‌ରର୍ ଗୁଟେ କୁନେ ଠାଡ୍ ହେଇଥିସି ଭଜନ୍ ଆର୍ କିର୍‌ତନ୍ ଶୁନ୍‌ବାର୍ ଲାଗି । ହେଲେ ଆଏଜ୍ ସେ ଡାକ୍ତର୍‌ଖାନା ବରଣ୍ଡା ଥି ଠିଆହେଇ ରହିଗଲା, ଆଏଜ୍ ଯେନ୍ତା ପାଉଁଚ୍ ଉତ୍‌ରିବାର୍‌ଟା ତାର୍ ଲାଗି ବହୁତ୍ ସୋର୍ ହେଲା । ତା'ର୍ ଛଡ଼ା ଅଥା ବି ଲାଗୁଛେ । ବେଞ୍ଚ୍‌ଥି ବସି ପଡ଼ି ସେ ମେଶି ଯେଇଥିବାର୍ ଶଁଖ, ଘଁଟ୍‌ର ଶବଦ୍ ଶୁନ୍‌ବାର୍ ଥି ଲାଗ୍‌ଲା । ଭାବ୍‌ନା ହେଲା । କାଏଁଥିର୍ ଲାଗି ଭାବ୍‌ନା ? ହେବା, ସେ କହି ନାଇଁପାରେ । ଲାଲ୍‌ଟିନ୍‌ର ଉକିଆଁ ଥି ଡାକ୍ତର୍‌ଖାନା ଗୁଟେ ବଖ୍‌ରା ଉଁକିଆ ହେଇଛେ, ଅନ୍ଧାର୍ ଭିତ୍‌ରେ ଶଂଖ୍ ଘଂଟ୍‌ର୍ ଅଦେଖା ଶବ୍‌ଦ ଥର୍‌କେ ଥର୍ ଫିରି ଆଏସି, ରହି ରହି କରି ମନ୍ଦିର୍ ଉପରର୍ ଗୁହୁଡ଼ା ଗୀତର୍ ମଧୁର୍ ଧ୍ୱନି ବୁହି ଆସୁଛେ । ଶଂଖର୍ ମୁହୁଁ ସାଙ୍ଗ୍ ଥି ଫୁକ୍‌ଲା ଧୁନ୍ ରାତିର୍ ପବନ୍ ଥି ଟିକେ ଟିକେ ଶୁଭୁଛେ । ମାନ୍ଦଲ୍ ତାଲ୍ ସେନ' ନାଇଁଥାଏ ।

ବୁଢ଼ାର୍ ମୁଡ୍‌ଟା ଛାତି ଉପର୍‌କେ ଲହି ପଡ୍‌ଲା । ହେଲେ, ମନ୍ ଭାବ୍‌ନାର୍ ଜାଲ୍ ବୁନୁଛେ । ସେମାନେ ଭଜନ୍ ଗାଉଛନ୍ । ଗୁନ୍ ଗୁନ୍ କରି ସୋର୍ ଧର୍‌ବାର୍ ସାଙ୍ଗେ ସାଙ୍ଗେ ରଘୁ ଦେଖି ପାର୍‌ଲା, ତା'ର୍ ବୁଆ ପର୍‌ମେକେ । କେତେଦିନ୍ ହେଲାସେ ମରି ଯେଇଛନ୍ । ଦେଖ୍‌ଲା, ସେ ଭଜନ୍ ସବୁ ସାଁଖିଲି କରି ମାନ୍ଦଲ୍ ବଜଉଛନ୍ । ଗୁର୍‌ଦୁଟେ ପର୍‌ଜାର୍ ମୁଡ୍ ତାଲ୍ ତାଲ୍ ଥି ଉଠୁଛେ ଆରୁ ପଡୁଛେ । ଯେନ୍ତା ଉଠା ପକା କରି ପାଚ୍‌ଲା ଧାନ୍ ଗଛର୍ ମୁଡ୍ ପବନ୍ ଥି ଦୁଲି ଝୁଲ୍‌ସି । ପର୍‌ଜାମାନେ ହାତ୍ ଜୁଡୁଛନ୍ । ସଭେ ଚିହ୍ନାର୍ ଜନାର୍ । ହେଲେ ଇମାନେ କିହେ ଏଭେ ନାଇଁ ବାଁଚି । ରଘୁ ଦେଖ୍‌ଲା ତା'ର୍ ବୁଆର୍ ଧୁନ୍ଦ୍‌ରା ମୁହୁଁ । ହେଦେ ତ, ତାର୍ ଭାଏ ଗୁଟେ ଧ୍ୟାନ୍ ଭଜନ୍ ଗାଉଛେ । ଇ'ଠାନେ ତ ସେ ଠିଆ ହେଇଛେ ଦମ୍‌ଧରି । ବଲବ୍‌ଫୁ ସାଙ୍ଗେ ବହଁଡ଼ି ଗଲା ମନ୍‌ଥି ସୁଖର୍ ଗୁଟେ ଆଶ୍ । ହେଲେ, କାହିଁ ସେ ସୁଖ୍ ? ଘଡ଼େକର୍ ଲାଗି ବୁଢ଼ାର୍ ଚିନ୍ତାମାନେ ଜୀଇଁଉଠି ଆଉ ଉଁକିଆ ହେଇଉଠ୍‌ଲେ । ଗଲା ଜୀବନର୍ ଫଟୁମାନେ ଆଏଁଖ୍ ଆଘେ ବୁହି ଉଠ୍‌ଲା । ହାଡ୍ କବାର୍, ଦୁଖ୍, ଚେଷ୍ଟା- ହେଲେ ସୁଖ୍ ? ସେ କାହିଁ ? ଯୁଆନ୍ ମୁହୁଁଥି ଦୁର୍ଭାଗ୍ୟର୍ ଗାର୍ ଫୁଟି ଉଠିଛେ । ଭାଗ୍ୟ ତାର୍ ହାତର୍ ଚାପ୍ ଥି ଶକତ୍ ପିଠ୍‌କେ ବଁକା କରି ଦେଲା । ଲମା ନିଶାସ୍ ପକାବାର୍ ଶିଖାଲା, ଯେନ୍ତା ଶିଖେଇ ଥିଲା ତାର୍ ବଡ୍ ଦଦାକେ ।

ଢେ଼ବ୍‌ରି ଆଢ଼େ ଗାଆଁ ମାଏଝି ମାନକର୍ ଭିତ୍‌ରେ ତୁମତାମ୍ ଭାବେ ମୁଡ୍ ଲୁଏଁଇଠିଆ ହେଇଛେ ତା'ର ମାଏଝି, ତାର୍ ଜୀବନ୍ । ବହୁତ୍ ବଢ଼ିଆ ଟୁକେଲ୍ ଗୁଟେ । ଭଗବାନ୍ ତାର୍ ସ୍ୱର୍ଗବାସ୍ ମଞ୍ଜୁର୍ କରୁନ୍ । ଜୀବନ୍ ଥି ବିଚ୍‌ରୀ କେନ୍ ଦୁଖ୍ ନାଇଁ ପାଇଛେ ? ସବୁଦିନିଆ ଭୁକେ ଶୁଆ ଆର୍ କବାର୍ କରି କରି ମାଏଝି ଟୁକେଲର୍ ଜୀବନ୍‌ର ମାଗି ଆନ୍‌ଲା ଦୁଖ୍,- ତା'ର୍ ଚେହେରା । ସେ ଚେହେରା ଶୁଖି ଯିବାକେ ଲାଗ୍‌ଲା, ଆଏଁଖ୍ ତାର୍ ସୁନ୍ଦର୍ ହରାଲା, ଆର୍ ମୁହଁର୍ ଶାନ୍ତି ସୁନ୍ଦର୍ ବଦ୍‌ଲାଥି କଲି ନେଇ ଥେଲା ଦୁଖର୍ ଗୁଟେ ନାଇଁ ଜାନ୍‌ଲା ଡ଼ର୍ ତାର୍ ମୁହୁଁ ଯାକର୍ ଆବ୍‌ରି ବସ୍‌ଲା । ସେଥିର୍ କାଜେ ସୁଖ୍ କେନେ ? ସେମାନକର୍ ଆସ୍‌ବାର୍ ଉସତ୍‌ର ଚିହ୍ନା ଥିଲା ଗୁଟେ ପୁଓ, ସେ ଥିଲା ଦୁର୍‌ବଲ୍ । ଆଏଁଖ୍ ଲୁଭିଆ ଛାଡ୍‌ବାର୍ ତାକତ୍ ତାର୍ ନେଇଁଥାଇ ।

ହେଲେ ଇ ସବୁ ଗଲା କଥା । ସେ ଛାଡ଼ି ଆସିଛେ । ତା'ର୍ ସାରା ପୁର୍‌ଥୀ ଏଛେନ୍ ଇ ମାନ୍ଦଲ୍ ତାଲ୍ ଥି ବନ୍ଧା । ସେ ଠାନେ ଅନ୍ଧାର୍ ଭିତ୍‌ରେ କାନ୍ଦ୍‌ବାର୍ ଶୁନ୍‌ବାକେ ମିଲ୍‌ସି । ଆଏଁଖ୍‌କେ ଦେଖା ଯାଏସି, ମାନ୍ଦଲ୍ ଥି ବନ୍ଧା ବାଦିର୍ କଅଁଲ୍ ଉଲଗୁଲାନ୍- "ଭଗବାନ୍ ତମର୍ ବିଚାର୍ କରୁନ୍'' ଗୁନ୍‌ଗୁନ୍ କରି ଝୁମେର୍ ସୁରେ ମୁଡ଼ତଲ୍ କରି କହେଲା ରଘୁ..... ପାଏନ୍‌ର ବଡ଼ ବଡ଼ ବୁନ୍ଦା ଦୁହିଁ ଗାଲ୍‌ଥି ବୁହି ପଡ୍‌ଲା..... ।

ବାହାରୁ କିଏ ଯେନ୍ତା ବଡ୍‌ଘାଏ ରଡ଼ିକରି କହେଲା: ରଘୁ, ଏ' ରଘୁ, କାଣା ଶୁଇ ପଡ଼ିଛୁ କାଏଁ ?- କାଣା ହେଇଛେ ? କହି ରଘୁ ଉଠି ଠିଆ ହେଲା,- ହେ ଭଗବାନ୍, ମୁଇଁ କାଣା ଶୁଇ ପଡ଼ିଥିଲି । ଏନ୍ତା ଘଟ୍‌ନା ତ ଆଘୋ ଥୁ କେଭେ ଘଟି ନାଇଁଥାଇ ।

ଜଲ୍‌ଦି ଉଠି ସେ ଏକେଶ୍‌କଁଟେ ମନ୍ଦିର୍ ଆଡ଼କେ ନର୍‌ଦିଲା, ମନ୍ଦିର୍ ଭିତରେ ପଶି ମାନ୍ଦଲ୍‌କେ ବଅରା ଜଖା ବାଗିର୍ ନୁର୍‌ଲା । ମାନ୍ଦଲ୍‌କେ ପାଇ ହଁସି ଦେଇ ଖନ୍ଦେ ଏଖେଇ ଘାଏକେ ମାନ୍ଦଲ୍ ଉଲାଲା । ତାର୍ ବଏସେରା ଥିବାର୍ ହାତେ ବାଦି ମାନ୍‌କେ ସଲ୍‌ଖେଇ । ବାହାରେ ବହୁତ୍ ଲୋକ୍ ଚାଲିଛନ୍ ଚାଁଟି ଧାର୍ ବାଗିର୍ କପ୍‌ଡ଼ା ଲେଖା ବେନର୍ ସବୁ ଫଡ୍‌ଫଡ୍ ହେଇ ଉଡୁଛେ । ଯାତ୍‌ରା ବେଢ଼େ କିନ୍ଦ୍‌ରି ଆସ୍‌ଲା । ସାଙ୍ଗେ ସାଙ୍ଗେ ଚିହ୍ନାର୍ ଶଂଖ୍, ଘଂଟ୍ ଶବଦ୍ ତାର୍ କାନେ ବୁହି ଆସ୍‌ଲା- ହରିଶଙ୍କର୍ ଶୁଇଲା ଠାନୁ ଉଠି ପଡ଼ିଛନ୍ ।

ଇ ଶବଦ୍ ଥି ବୁଢ଼ା ଛାତି ଦୁଲ୍‌କି ଉଠ୍‌ଲା ସେ ଘଡ଼ି ତାର୍ ସୋର୍ ହେଲା ଉଁକିଆମାନେ ଯେନ୍ତା ଆର୍ ଉଜଲ୍ ହେଇ ଉଠିଛେ- ବେନର୍ ଆର୍ ଜୋର୍ ସେ ଦୁହୁଲୁଛେ, ପବନର୍ ଡେନାର୍ ଶବଦ୍ ଶୁନା ଯଉଛେ- ସେ ଶବଦ୍ ଯେନ୍ତା ମାନ୍ଦଲ୍‌ର ଶବଦ୍ ସାଙ୍ଗେ ମେଶି ଯେଇ ମାହାଶୂନ୍ୟ ଥି ମିଲେଇ ଯଉଛେ ।

ବୁଢ଼ା ରଘୁ ତାର୍ ହାତେ ମାନ୍ଦଲ୍, ଏତ୍‌କି ସୁନ୍ଦର୍ ଭାବେ ଆର୍ କେନ୍‌ଦିନ ନାଇଁ ବଜେଇ । ବୁଢ଼ାର୍ ଛାତି ଯେନ୍ତା ସେ ଜୀବନ୍ ନାଇଁ ଥିଲା ମାନ୍ଦଲ୍ ସାଙ୍ଗେ ମେଶି ଯଉଛେ । ତାହିଁର୍ ଲାଗି ସେ ମାନ୍ଦଲ୍‌ର ଶବଦ୍ ଆଏଜ୍ ଗୀତ୍ ଗାଉଛେ, ହଁସୁଛେ, କାନ୍ଦୁଛେଁ । ସେ ମାନ୍ଦଲ୍‌ର୍ ସୁର୍ ଯେନ୍ତା ସ୍ୱର୍ଗୀୟ ଐକ୍ୟତାନ୍ ଭିତରେ ମେଶି ଯେଇ ଦିବ୍ୟଲୋକ୍ ପଥର୍ ପୃଥିବୀ ହେଇ ଯେଇକରି ମେଘ୍ ପୁରା ତରା ଥି ମେଶି ଯେଇ ଫେର୍ ଇ ଧୁଇଲ୍ ମାଏଟ୍‌ର ଧରାକେ ଫିରି ଆସ୍‌ଲା । ହରିଶଙ୍କର୍ ଚେତିଛନ୍, ଇ କଥା ସେ ମାନ୍ଦଲ୍ ଯେନ୍ତା ଅହରହ ବିଗୁଲ୍ ବଜଉଛେ । ସାରା ଜଗତ୍ ଇ ସଂଗୀତ୍ ଥି ଭରିଗଲା । ହରିଶଙ୍କର୍ ଚେତିଛନ୍, ଭଗତ୍ ମାନେ ଉଠିଛନ୍ । ପୁରା ଦମ୍‌ଥି ମାନ୍ଦଲ୍‌ଟା ବାଜୁଛେ-ବାଜୁଛେ । ପବନ୍ ଯେନ୍ତା ମାନ୍ଦଲ୍‌କେ ଛିଇଁ ବୁଢ଼ା ମାନ୍ଦ୍‌ଲିଆର୍ ମୁହୁଁଥି ହାତ୍ କିନ୍ଦ୍‌ରେଇ ଫିସ୍ ଫିସ୍ ହେଇ କହୁଛେ: ଆର୍ ଡ଼ର୍ ନାଇଁ, ଦୁଖ୍ ନାଇଁ, ବେଦନା ନାଇଁ-ହରିଶଙ୍କର୍ ଚେତିଛନ୍....

ଜୁହ୍ନା ଛାତି କଲ୍‌ଜା ଫୁସ୍‌ଫୁସ୍ ଉସତ୍ ଆର୍ ଦୁଖର୍ ଛିଆଁଥି ଜୀବନ୍‌କେ ପାସ୍‌ରି ଗଲା । ବୁଢ଼ା ମାନ୍ଦ୍‌ଲିଆ ପାଶ୍‌ରି ଦେଲା ଯେ, ମନ୍ଦିର୍ ଭିତର୍ ମୁହୁଁ ଶାଲା । ଇ ସାଁକୁର୍ ଜାଗା ଥି ତାର୍ ଜୀବନ ବନ୍ଧା । ପାଶ୍‌ରିଗଲା- ଗରେଲ ଧୁକା, ଉହୁଲି ଗଲା ଡ଼ଙ୍ଗା ବାଗିର୍ ଇ ସାରା ସଂସାରେ ସେ ମୁର୍‌ଛି ଦେଲା ତାର୍ ଜୀବନ୍ କାନ୍ଦେନ୍ ଆର୍ ସଂଗୀତ୍ ମାନ୍ଦଲ୍ ତାଲ୍‌ର ସାଁକୁର୍ ଏରିଆ ଢ଼େହେଁକି ଯେଇ କରି ସରଗ୍ ଛିଇଁ ଫେର୍ ଇ ଦୁଖର୍ ପୁର୍‌ଥୀକେ ଫିରି ଆସ୍‌ଲା । ତାର୍ ସୋର୍ ହେଲା ଫେର୍ ସେ ଯେନ୍ତା ତାର୍ ଛୁଆପିଲା ନାତି ନାତେନ୍ ମାନ୍‌କର୍ ଭିତ୍‌ରେ । ଯେନ୍ ଜୀବନ୍ ସୁଆଦ୍ ସେ କେଭେ ନାଇଁ ପାଇ, ସେମାନ୍‌କର୍ ସଂଗୀତ ଥି ତାର୍ ମାନ୍ଦଲ୍ ତାଲ୍ ମେଶେଇ ସେ ପାଏଲା, ସେ ସୁଆଦ୍ ।

ରଘୁ ମାନ୍ଦଲ୍ ଧରି ବଜେଇ ଯଉଛେ.....ଦୁହି ଆଏଁଖ୍ ଥୁ ଝରୁଛେ ଲହର୍ ଧାର୍ । ମନ୍ ଭିତ୍‌ରେ ଜୁଗୁଛେ ଆସ୍‌ବାର୍ ଦିନର୍ ସପନ୍.....

ବାହାରେ ଭିତ୍‌ରେ ଠିଆ ହେଇ କେତେନି କେତେ ଲୋକ୍ କାବା ହେଇ ସେ ମାନ୍ଦଲର୍ ବାଜ୍‌ନା ଶୁନୁଛନ୍ । କଥା ହଉଛନ୍- ଏନ୍‌ତା ଅପୂର୍ବ ମାନ୍ଦଲ୍ ବଜା ରଘୁ ତାର୍ ଜୀବନ୍ ଯାକର୍ କେଭେ ନାଇଁ ବଜେଇ ।

ସାଙ୍ଗେ ସାଙ୍ଗେ ସେ ଗଖେ ମାନ୍ଦଲ୍ ଆକାଭୁତ୍ ଅନିଶ୍ଚିତ୍ ଶବଦ୍ କରି ବନ୍ଦ୍ ହେଇଗଲା । ଶଂଖ୍, ଘଂଟ୍, ଗିନୀ କାଠିମାନେ ଠିନ୍ ଠାନ୍ ଠୁକ୍ ଠାକ୍ ହେଇ କିଛୁ ସମିଆଁ ବାଜ୍‌ଲା ଉତ୍‌ରୁ ସେମାନେ ବି ରହିଗଲେ । ପବନ୍‌ଥି ସେ ଶବଦ୍ ଟିକେ ଟିକେ ହେଇ ଏକ୍‌ବାରି ହଜିଗଲା ।

ବୁଢ଼ା ମାନ୍ଦ୍‌ଲିଆ ଅଥା ହେଇ ଆଲ୍‌ତୀ ଘରେ ଉନ୍‌ଡ଼ି ପଡ଼ଲା-ଆଏଁଖ୍ କୁନ୍‌ଥି ଲାଗିଥିଲା ଶେଷ୍ ଦୁଇଟା ଲହବୁନ୍ଦା । ଏଛେନ୍ ତାର୍ ସୁଖ୍‌ଲା ଗାଲ୍ ଥି ଝରି ପଡ୍‌ଲା ।
- ଏ ଭାଇ, କିଏ ଅଛ ? ବାହାରୁ ଆର୍ ଝନେ ଲୋକ୍ ପଠ'... ବୁଢ଼ା ମାନ୍ଦ୍‌ଲିଆ ମାନ୍ଦଲ୍ ବଜେଇ ବଜେଇ ତା'ର ଶେଷ୍ ବାଜ୍‌ନା ବଜେଇ ଦେଇଛେ....... ।'

CNC RISES TO NEW HEIGHTS
Toppers are Born Here

CNC College | CNC_College_BGR

CNC COLLEGE
Nice College of Commerce
Inspiring Lives


# କ୍ୟାରିଅର ସମ୍ପର୍କରେ କିଛି ଜାଣିବା କଥା




- କେବଳ ଡାକ୍ତର, ଇଂଜିନିୟର ଓ ପ୍ରଶାସକ ହିଁ ଦେଶର ଭବିଷ୍ୟତ ନୁହନ୍ତି
- ମାନସିକତାରେ ପରିବର୍ତ୍ତନ କରିବା ସମୟ ଉପନୀତ
- ଆଧୁନିକ ଯୁଗର କ୍ୟାରିଅର ଗତାନୁଗତିକତାରୁ ଊର୍ଦ୍ଧ୍ୱରେ ରହିଛି








## କଣ ପଢ଼ିବେ ?



## କେଉଁଠି ପଢ଼ିବେ ?










Nice College of Commerce
Day Boarding/ Residential College for +2 & +3 Commerce, Circuit House Road, BALANGIR, visit us www.cnccollegebalangir.in 8895589784, 7790034136

# ବଦ୍ରିନାଥ

## ପ୍ରିୟତମା ମହାନ୍ତି

ଯସ୍ୟ ସ୍ମରଣ ମାତ୍ରେଣ ଜନ୍ମ ସଂସାର ବନ୍ଧନାତ୍
ବିମୁଚ୍ୟତେ ନମସ୍ତସ୍ମୈ ବିଷ୍ଣବେ ପ୍ରଭବିଷ୍ଣବେ ॥
ନମଃ ସମସ୍ତ ଭୂତାନାମାଦି ଭୂତାୟ ଭୂଭୃତେ
ଅନେକ ରୂପ ରୂପାୟ ବିଷ୍ଣବେ ପ୍ରଭବିଷ୍ଣବେ ॥
(ଶ୍ରୀ ବିଷ୍ଣୁ ସହସ୍ର ନାମ ସ୍ତୋତ୍ରମ୍)

ପ୍ରାକ୍ ଐତିହାସିକ ଯୁଗରୁ ମୁନିଋଷି ମାନେ ତଥା ଜ୍ଞାନୀଜନେ ଜୀବନରେ ଆତ୍ମ ସମୀକ୍ଷା କରି ମୋକ୍ଷ ନିମିତ୍ତ ଓ ସ୍ୱର୍ଗୀୟ ଶାନ୍ତି କାମନା କରି ଈଶ୍ୱରଙ୍କ ଚାରୋଟି ଧାମ ଦର୍ଶନ କରିଥାଆନ୍ତି । ଆମ ଦେଶ ଭାରତର ଚତୁର୍ଦ୍ଦିଗରେ ଏହି ଧାମ ଗୁଡିକ ଅବସ୍ଥିତ । ଉତ୍ତରରେ ହିମାଳୟ ପର୍ବତମାଳା, ଦକ୍ଷିଣରେ ଭାରତ ମହାସାଗର, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ଆରବ ସାଗରର ପ୍ରାକୃତିକ ଓ ଶାନ୍ତ ବାତାବରଣରେ ବିରାଜିତ ହୋଇ ହାତ ଠାରି ଡାକୁଥାନ୍ତି ପ୍ରଭୁ ଭକ୍ତଙ୍କୁ 'ଆ.... ଶରଣରେ ଆସିଯା, ତୋ ମାନବ ଜୀବନକୁ ସାର୍ଥକ କର । ସେହି ନୈସର୍ଗିକ ବାତାବରଣରେ ଅବସ୍ଥିତ ଧାମ ଗୁଡିକ ହେଉଛନ୍ତି - ସତ୍ୟ ଯୁଗର ବଦ୍ରିନାଥ, ତ୍ରେତୟା ଯୁଗର ରାମନାଥ ବା ରାମେଶ୍ୱର, ଦ୍ୱାପରର ଦ୍ୱାରକା ନାଥ ଓ କଳି ଯୁଗର ଜଗନ୍ନାଥ ।

ପିଲା ବେଳୁ ସକାଳେ ସନ୍ଧ୍ୟାରେ ପ୍ରାର୍ଥନା ଗାଉଥିଲି ଭକ୍ତକବି ମଧୁସୂଦନ ରାଓଙ୍କ ଲିଖିତ ସ୍ତବ....

କି ସୁନ୍ଦର ଆହା କି ଆନନ୍ଦ ମୟ
ଏହି ବିଶାଳ ସଂସାର,
ଧନ୍ୟ ମହାପ୍ରଭୂ ମହିମା ତୁମ୍ଭର
ଅଟେ ଅନନ୍ତ ଅପାର ।

ବାଲ୍ୟକାଳରୁ ହିଁ କୋମଳ ହୃଦୟରେ ମୋର ପ୍ରଶ୍ନ ଟିଏ ଭାସି ବୁଲୁଥିଲା ପ୍ରଭୁ କିଏ ? କେଉଁଠି ଥାଆନ୍ତି ସିଏ ? କେମିତି ଅନୁଭବ କରାଯାଏ ତାଙ୍କୁ ? ଏ ସବୁ ପ୍ରଶ୍ନରେ ପିତୃବ୍ୟ, ଗୁରୁଜନ ଅଭିଭୂତ ହୋଇ ଉତ୍ତର ରେ କହୁଥିଲେ ତୁ ବଡହେଲେ ହିମାଳୟ ଯିବୁ । ଋଷିକେଶ, ହରିଦ୍ୱାର ଯିବୁ । କେତେ ପବିତ୍ର ନଦୀ ତୁଷାର ମୁକୁଟ ପିନ୍ଧିଥିବା ପର୍ବତ ଦେଖିବୁ , ପ୍ରଭୁ ସେଇଠି....କେଉଁଠି ଥିବେ ତୁ ଖୋଜିବୁ ।

ସେହି ଭାବଧାରା ହୃଦୟରେ ମୋର ମୂଳଦୁଆ ପକେଇଲା ପ୍ରଭୁ ଚେତନାର । ହିମାଳୟର ଦୃଶ୍ୟ ଦେଖୁଥିଲି ମୁଁ । ମୋର କଳ୍ପନାର ଚକ୍ଷୁରେ, ପାଇଗଲି ଦିନେ ସେ ଦୃଶ୍ୟ.......ବହିର ପୃଷ୍ଠାରେ, ଭକ୍ତକବିଙ୍କର "ଋଷି ପ୍ରାଣେ ଦେବାବତରଣ"ରେ

"ଉଦୀଚୀ ଆକାଶେ ଦୂରେ ମହଜ୍ୟୋତିର୍ମୟ
ତୁଷାର କିରଟେ ରାଜେ ଗିରିନ୍ଦ୍ର ଆଳୟ

ଅନନ୍ତ ହିମାନୀ - କ୍ଷେତ୍ର ଶୁଭ୍ର ହିମାଚଳ
ତ୍ରିଦିବର ପୁଣ୍ୟପୁଞ୍ଜ ପ୍ରାୟେ ମହୋଜ୍ୱଳ
+ + +
ବାମେ ଦିଗ୍‌ବଳୟ କୋଳେ ଦିଶଇ ଭାସ୍କର
ହୀରକ - କିରୀଟ ସମ ହିମାଦ୍ରି ଶିଖର"

ନିଜ ଚକ୍ଷୁରେ ହିମାଳୟରେ ପ୍ରକୃତି ରାଣୀ, କୋଳେଇ ଧରିଥିବା ସୌନ୍ଦର୍ଯ୍ୟର ଗନ୍ତାଘର- ବୃକ୍ଷଲତା, ଫଳପୁଷ୍ପ, ପଶୁପକ୍ଷୀ, ମୁନିଋଷି, ନଦ-ନଦୀ, ପ୍ରପାତ ଝରଣା ଓ ଦେବ ଦେବୀଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବାର ଇଚ୍ଛା ବଢିଲା । ମନ କଥା ପ୍ରଭୁଙ୍କୁ ଜଣେଇଲି, ସ୍ୱାମୀଙ୍କୁ ବି ମୋର ।

ସତରେ କ'ଣ ସେ ବିପଦ ସଙ୍କୁଳ ଘନ ଅରଣ୍ୟାନୀ ଓ ଖରସ୍ରୋତା ନଦୀ ମାନଙ୍କ କୂଳେ କୂଳେ ଯାଇ ପାରିବୁ ? ସତରେ କ'ଣ ଦୟା କରିବେ ପ୍ରଭୂ? ସତରେ କ'ଣ ସେ ଦେବଭୂମୀ ଆମ ଭାଗ୍ୟରେ ଜୁଟିବ ? ପ୍ରଭୂଙ୍କଠାରେ ଶରଣ ପଶୁଥାଏ ଓ ସ୍ୱାମୀଙ୍କୁ ବି କହୁଥାଏ, ତୁମେ ବି ଡାକ ସେ ତୁମ କଥା ଶୁଣିବେ- ଆମେ ସତ୍ୟଯୁଗର ବଦ୍ରିନାଥ ଧାମ ଦର୍ଶନରେ ଯିବା । ବଦ୍ରିନାଥ ଡାକ ଶୁଣିଲେ ।

ମନ୍ଦିର ଅକ୍ଷୟ ତୃତୀୟା ଦିନ ଖୋଲେ ଓ ଦୀପାବଳି ଦିନ ବନ୍ଦ ହୁଏ । ଉତ୍ତରାଖଣ୍ଡ ପର୍ଯ୍ୟଟନ ସଂସ୍ଥାର ଗଡୱାଲ ମଣ୍ଡଳ ବିକାଶ ନିଗମ ଋଷିକେଶ ଅଫିସରୁ ପ୍ରଥମ ପ୍ୟାକେଜରେ ଋଷିକେଶ - କେଦାରନାଥ ବଦ୍ରିନାଥ ଦର୍ଶନ ପାଇଁ ଯିବାର ତା.୭.୭.୨୦୦୪ ରେ ଅଗ୍ରିମ ବ୍ୟବସ୍ଥା କରାଗଲା, ଠିକ ତା'ର ଦୁଇମାସ ପରେ ତା.୭.୯.୨୦୦୪ ମଙ୍ଗଳବାର ଦିନ ଯାତ୍ରା ଆରମ୍ଭ ହେଲା ।

ଭୁବନେଶ୍ୱରରୁ ଦିଲ୍ଲୀ, ଦିଲ୍ଲୀରୁ ସିଧାସଳଖ ହରିଦ୍ୱାର ଓ ଋଷିକେଶ ଯାତ୍ରା । ହରିଦ୍ୱାର ରେ ରାତ୍ରି ରହଣି ପରେ ଋଷିକେଶ ଗଲୁ । ସେଠାରେ ନିଗମ କାର୍ଯ୍ୟାଳୟ ତରଫରୁ ସବୁ ବ୍ୟବସ୍ଥା ହୋଇଥିଲା ।

ଋଷିକେଶରୁ ନିଗମ ବସ୍‌ରେ କେଦାର - ବଦ୍ରି ଯାତ୍ରା ଆରମ୍ଭ ହେଲା । ମନେ ମନେ ପ୍ରଭୁଙ୍କୁ ସ୍ମରଣ କରୁଥାଏ । ପ୍ରାର୍ଥନା ବହିଟିଏ ମୋ ପାଖରେ ଥାଏ ଓ ମୁଁ ପଢୁଥାଏ । ବସରେ ଗଲାବେଳେ କେତେ ପ୍ରାକୃତିକ ସୌନ୍ଦର୍ଯ୍ୟ, ପାହାଡ ପର୍ବତ ନଦୀ ଫଳ ଫୁଲ ଦେଖି ଆତ୍ମହରା ଲାଗୁଥାଏ । ଗାଡି ଭୟଙ୍କର ଶବ୍ଦରେ ଉପରକୁ ଉଠିଲା ବେଳେ ମନରେ କିଛି ଭୟର ସଂଚାର ମଧ୍ୟ ହେଉଥାଏ । ଆନନ୍ଦ ଓ ଭୟର ମିଶାମିଶି ଅନୁଭବ ନେଇ ପହଞ୍ଚିଲୁ ଦେବପ୍ରୟାଗ ସଙ୍ଗମ ସ୍ଥଳରେ । ଏହିସ୍ଥାନ ଋଷିକେଶ ଠାରୁ ସତୁରୀ କିଲୋମିଟର ଦୂର ।

**ଦେବପ୍ରୟାଗ -** କେଦାରନାଥ ରାସ୍ତାରେ ପ୍ରଥମ ଓ ପ୍ରଧାନ ସହର । ଗୋ ମୁଖରୁ ବାହାରି ଥିବା ଭାଗୀରଥି ଓ ସନ୍ତୋପନ୍ଥ ରୁ ବହି ଆସିଥିବା ଅଳକାନନ୍ଦାର ସଙ୍ଗମସ୍ଥଳୀ ହେଉଛି ଦେବ ପ୍ରୟାଗ । ନଦୀଦ୍ୱୟ ଏହିଠାରେ ମିଳିତ ହୋଇ ପତିତପାବନ ଗଙ୍ଗା ନାମରେ ସମତଳ ଭୂମି ରେ ପ୍ରବେଶ କରିଛନ୍ତି । ମାତା ଗଙ୍ଗାଙ୍କ ଜନ୍ମସ୍ଥଳୀ କୁହାଯାଉଥିବା ଏହି ସଂଗମରେ ସ୍ନାନ କରି ପିଣ୍ଡଦାନ କରାଯାଏ । ଏଠାରେ ଶ୍ରୀ ରଘୁନାଥଙ୍କ ଏକ ମନ୍ଦିର ଅଛି । ଦେବ ପ୍ରୟାଗରୁ ଅଳକାନନ୍ଦାର କୂଳେ କୂଳେ ଏକ ସମତଳ ଓ ସିଧାରାସ୍ତା କୀର୍ତ୍ତିନଗର ଯାଏ ଯାଇଛି । ଦୂରତା ପ୍ରାୟ ୩୫ କିଲୋମିଟର । ରାସ୍ତା ଭଲ ଥିଲା, ତେଣୁ କିଛି କଷ୍ଟ ଲାଗୁ ନ ଥିଲା । ତା' ପରେ ଆମ ବସ୍ ଯାଇ ପହଞ୍ଚିଲା ଶ୍ରୀ ନଗରରେ ।

ଶ୍ରୀ ନଗରରୁ ଋଷିକେଶର ଦୂରତା ୧୦୫ କିଲୋମିଟର ଓ କେଦାରନାଥର ଦୂରତା ୧୧୮ କିଲୋମିଟର । ୧୮୦୩ ମସିହା ପର୍ଯ୍ୟନ୍ତ ଏହା ତେହେରୀ ଗଡୱାଲର ପୁରାତନ ରାଜଧାନୀ ଥିଲା । ଶ୍ରୀନଗରରେ ଅଳକାନନ୍ଦାର କୂଳରେ କମଳେଶ୍ୱର ମହାଦେବ ନାମରେ ଏକ ଶିବ ମନ୍ଦିର ଅଛି । ଏଠାରୁ ଗୌରୀକୁଣ୍ଡ ପ୍ରାୟ ୨୯ କିଲୋମିଟର ଓ ରୁଦ୍ର ପ୍ରୟଗ ପ୍ରାୟ ୩୪ କିଲୋମିଟର ଦୂର ।

**ରୁଦ୍ରପ୍ରୟାଗ -** ଛୋଟ ସହର ହେଲେ ବି ପ୍ରସିଦ୍ଧ ଅଟେ । ଏହି ସ୍ଥାନଟି କେଦାରନାଥ ରୁ ବହିଆସିଥିବା ମନ୍ଦାକିନୀ ଓ ବଦ୍ରିନାଥଙ୍କ ଠାରୁ ଆସିଥିବା ଅଳକାନନ୍ଦାର ମିଳନସ୍ଥଳୀ । ଏଠାରେ ରୁଦ୍ରନାଥଙ୍କର ଏକ ପୁରାତନ ମନ୍ଦିର ଅଛି । ଏହି ଠାରୁ ହିଁ ଲମ୍ବିଛି ଗୋଟିଏ ପଟେ କେଦାରନାଥ ଓ ଆଉ ଗୋଟିଏ ପଟେ ବଦ୍ରିନାଥ କୁ ରାସ୍ତା । କେଦାରନାଥ ଦର୍ଶନ ସାରି ପୁଣି ରୁଦ୍ରପ୍ରୟାଗ ଫେରି ବଦ୍ରିନାଥ ଦର୍ଶନ ପାଇଁ ଯିବାକୁ ହୁଏ । ରୁଦ୍ରପ୍ରୟାଗ ରୁ ମନ୍ଦାକିନୀ କଡେ କଡେ ସୋନପ୍ରୟାଗ ଅଭିମୂଖେ ଆମର ଯାତ୍ରା ଜାରି ରହିଲା ।

**ସୋନପ୍ରୟାଗ -** ଛୋଟିଆ ଗାଁ ଟିଏ । କେଦାରନାଥରୁ ବହିଆସିଥିବା କଳକଳ ନାଦିନୀ ମନ୍ଦାକିନୀ ଆଉ ବାସୁକୀ ହ୍ରଦରୁ ଆସିଥିବା ସୋନଗଙ୍ଗା ଏହିଠାରେ ହିଁ ମିଳିତ ହୋଇଛନ୍ତି । ତୀର୍ଥଯାତ୍ରୀ ମାନଙ୍କର ସୁବିଧା ପାଇଁ ଯାତ୍ର ସମୟରେ ପାର୍ବତ୍ୟ ବିକାଶ ନିଗମ ତରଫରୁ ରହିବା ପାଇଁ ତମ୍ବୁଘର କଲୋନୀ ଥାଏ । ପାଣି ଓ ବିଜୁଳୀର ବ୍ୟବସ୍ଥା ମଧ୍ୟ ହୋଇଥାଏ ।

ସୋନ ପ୍ରୟାଗରୁ ପାଞ୍ଚ କିଲୋମିଟର ଦୂର ଅତିକ୍ରମ କରିସାରିବା ପରେ ଆସିଲା ଏକ ଆକର୍ଷଣୀୟ ଦର୍ଶନୀୟ ସ୍ଥାନ । ନାଁ ତା'ର ଗୌରୀକୁଣ୍ଡ, ଏଠାରେ ଦେବୀ ପାର୍ବତୀଙ୍କର ପୁରାତନ ମନ୍ଦିର ଟିଏ ଅଛି । ମନ୍ଦିରରେ ପୂଜା ପାଉଛନ୍ତି ଗଣେଷ, ଗୌରୀମାତା ଓ ଶିବଜୀଙ୍କ ଧାତୁ ନିର୍ମିତ ମୂର୍ତ୍ତି । ବିଶ୍ୱାସ ରହିଛି ମାଆ ଗୌରୀ ଏହିଠାରେ ହିଁ ତପସ୍ୟା କରି ଶିବଙ୍କୁ ପାଇଥିଲେ ଓ ବିବାହ କରିଥିଲେ । ଗୌରୀକୁଣ୍ଡରେ ରହିଛି ଦୁଇଟି ପାଣିକୁଣ୍ଡ, ଗୋଟିଏ କୁଣ୍ଡରେ ଆସେ ଗରମ ପାଣି ତାହା ତପ୍ତକୁଣ୍ଡ ନାମରେ ଖ୍ୟାତ, ଅନ୍ୟଟିରୁ ବାହାରେ ଶୀତଳ ଜଳ । ତପ୍ତକୁଣ୍ଡର ପାଣି ଗନ୍ଧକ ବେଳାରୁ ଆସିଥାଏ, ଏହାର କିଛି ଜଳ ମନ୍ଦାକିନୀ ସହିତ ମିଶିଥାଏ । ତପ୍ତକୁଣ୍ଡ ଗୌରୀକୁଣ୍ଡର ଏକ ମୂଖ୍ୟ ଆକର୍ଷଣ, ନିଗମ ତରଫରୁ ଗୌରୀକୁଣ୍ଡରେ ହିଁ ଥିଲା ଆମ ରାତ୍ରି ରହଣିର ବ୍ୟବସ୍ଥା । ସ୍ଥାନଟି ଥିଲା ଖୁବ୍ କୋଳାହଳ ମୟ । ସମସ୍ତଙ୍କର କେଦାରନାଥଙ୍କୁ ଦର୍ଶନ କରିବାର ଉତ୍କଣ୍ଠା, ତାଙ୍କ ପାଖରେ ପହଞ୍ଚିବାର ବ୍ୟବସ୍ଥାରେ ଲାଗିପଡିଥିଲେ ଭକ୍ତ ଗଣ ।

ଝରଣାର ଛନ୍ଦାୟିତ ତାନ ଓ ପ୍ରପାତର ଭୀଷଣ ଗର୍ଜନ ସାରାରାତି ନିଦ ହଜେଇ ଦେଇଥିଲା ଆଖିର । ଉଠାଣି ଗଡାଣି ରାସ୍ତା, ଝରଣା ପାଣିରେ ଓଦା ଓଦା ରାସ୍ତା । ଆମପାଇଁ ସେଇଥିପାଇଁ କେଦାର ନାଥରେ ପହଞ୍ଚିବାକୁ କରାଯାଇଥିଲା ପାଲିଙ୍କିର ବ୍ୟବସ୍ଥା । ଗୌରୀକୁଣ୍ଡରୁ କେଦାରନାଥର ଦୂରତା ପ୍ରାୟ ଚଉଦ କିଲୋମିଟର । ଉଷାର ବ୍ରାହ୍ମ ଲଗ୍ନ । ନିତ୍ୟ କର୍ମ ସାରି ତପ୍ତକୁଣ୍ଡର ଜଳ ସିଞ୍ଚନ କଲୁ ଦେହ ମୁଣ୍ଡ । ମନ୍ଦିର ଯାଇ ଗଣେଷ, ଶିବଜୀ ଓ ମା' ପାର୍ବତୀଙ୍କୁ ଦର୍ଶନ କରି ଆରମ୍ଭ କଲୁ କେଦାରନାଥ ଯାତ୍ରା ।

"ଦୀନ ନାଥ୍ , ଗୌରୀନାଥ,ଭୋଲେନାଥ
ଭକ୍ତି ମେ ଖୋ ଯାଓ, ବୋଲୋ ଭୋଲେନାଥ ।"

କି ସୁନ୍ଦର ପ୍ରାର୍ଥନା, କେଦାର ନାଥଙ୍କ ଶରଣେ ସମସ୍ତେ ନତ ମସ୍ତକ, ସଂସାରୀ, ସନ୍ୟାସୀ, ସାଧୁ ସନ୍ଥ ସମସ୍ତଙ୍କର ଏକ ଲକ୍ଷ୍ୟ । ଈଶ୍ୱର ଦର୍ଶନ ! କିଏ ବାଡିଧରି ଚାଲୁଥାଆନ୍ତି ତ କିଏ ଖଚର ବା ଘୋଡାରେ । ଆଉ କିଏ ଦୋଳାରେ ତ ଆମ ପରି ଆଉ କିଏ ପାଲିଙ୍କିରେ । କୋଉ ଭକ୍ତର ବାଡି ଖସି ଯାଉ ଥାଏ ତ କାହାର ଗୋଡ ଖସୁଥାଏ, ହେଲେ ଭକ୍ତି ହିଁ ପାଦକୁ ବଢେଇ ନଉଥାଏ ଆଗକୁ ଆଗକୁ । ରାସ୍ତାର ଦୁଇକଡରେ ପାହାଡ ଓ ଝରଣାର ଦୃଶ୍ୟ ଖୁବ୍ ମନୋହାରୀ, ଯେତେ ଆଗକୁ ଯାଉଥିଲୁ ପ୍ରକୃତିର ସୌନ୍ଦର୍ଯ୍ୟ ସେତିକି ସେତିକି ଫିଟୁଥିଲା ଆଖି ଆଗରେ । ଶବ୍ଦ କାହିଁ ସେ ସବୁ ବର୍ଣ୍ଣନା କରିବାର ! ଖାଲି ଅନୁଭବର କଥା । ଶିବ ସହସ୍ର ନାମକୁ ଗାଇ ଚାଲିଥିଲି ଅନବରତ । ପାଲିଙ୍କିରେ ମୋତେ ଧରି ଯାଉଥିବା ଲୋକେ ଖୁବ୍ ଖୁସି ହେଉଥିଲେ ନାମ ଶୁଣି । ମୁଁ ଟିକିଏ ରହିଗଲେ ମୋତେ ପଚାରୁଥିଲେ "କ୍ୟା ହୁଆ ମା'ଜୀ" ମୁଁ ପୁଣି ଆରମ୍ଭ କରୁଥିଲି

ଚାହୁଁ ଚାହୁଁ ରମ୍ଭାରା, ସେଠାରେ ବିଶ୍ରାମ ସ୍ଥାନ (ଜରଝଞ୍ଜ ଝଐରଉ) ଚଟ୍ଟିଘର, ଚା' ଜଳଖିଆ କରି ଟିକିଏ ବିଶ୍ରାମ ନେଇ ଆଗକୁ ବାହାରିଲୁ, ରମ୍ଭାରାରୁ ଗରୁଡ ଚଟ୍ଟି । ଖୁବ୍ ଉଠାଣି ଗଡାଣିର ରାସ୍ତା ।

**କେଦାରନାଥ -** ଖୁବ୍ ସୁନ୍ଦର ଓ ଆନନ୍ଦ ଏଇ ଗରୁଡ ଚଟ୍ଟିର ରାସ୍ତା । କେତେବେଳେ ଦୁଇ, ଅଢେଇ କିଲୋମିଟର ଅତିକ୍ରମ କରିଗଲୁ ଜଣାପଡିଲାନି ଆଉ ପ୍ରାୟ ଅଧକିଲୋମିଟର ଥାଏ । ଦିଶି ଗଲା ବାବା କେଦାରନାଥ ମନ୍ଦିର । ସ୍ଥାନଟି ସନ୍ତ ସନ୍ତିଆ ଆଉ ବୁଦାଳିଆ ଘାସରେ ପରିପୂର୍ଣ୍ଣ, ମନ୍ଦିରର ପଛ ପଟେ ବରଫାବୃତ ଶୁଭ୍ର ପର୍ବତ ମାଳାର ଦୃଶ୍ୟ ।ପ୍ରକୃତିର ଏକି ଅପୂର୍ବ ଉଚ୍ଛାରଣ ! ଦେହ, ମନ, ପ୍ରାଣ, ଆତ୍ମା ସବୁଠି ଏକ ବିସ୍ମିତ ଆହ୍ଲାଦ ପଣର ପ୍ରବାହମାନ । ବିଶ୍ୱାସ କରିହେଉନଥାଏ ଆଖିକୁ । ସତରେ କ'ଣ ଆମେ ଦେବଭୂମୀ କେଦାରନାଥ ଭୁଖଣ୍ଡରେ ପହଞ୍ଚିଛୁ ! ପ୍ରକୃତିସ୍ଥ ହୋଇ ଭଗବାନଙ୍କୁ ଅଶେଷ ଧନ୍ୟବାଦ ଦେଲୁ ।

ମନ୍ଦିର ଚୁଡାରେ ସୁନାର କଳସ ଦ୍ୱାରରେ ଦ୍ୱାରପାଳ ପ୍ରବେଶ ପଥରେ ବିରାଟ ଘଣ୍ଟି । ସମ୍ମୁଖରେ ବାରିକେଡ ମଧ୍ୟରେ ଉଚ୍ଚ ମଣ୍ଡପରେ ଜଗି ରହିଛନ୍ତି ବିଶାଳ ନନ୍ଦୀ । ମନ୍ଦିରରେ ଏକ ମଣ୍ଡପ ଓ ଗର୍ଭଗୃହ ରହିଛି । ଗର୍ଭଗୃହର ମଧ୍ୟଭାଗରେ ଏକ ବିରାଟ ଶିଳା ସେଥିରେ ପ୍ରଭୁ ସ୍ୱୟଂଭୁ ମୂର୍ତ୍ତି ଶିବ ରୂପରେ ପୂଜା ପାଉଛନ୍ତି । ବୃଷଭ ଆକୃତିର କୁଜ । ପ୍ରଦକ୍ଷିଣ ସ୍ଥାନରେ ଶିବଙ୍କର ଛୋଟ ଛୋଟ ମୂର୍ତ୍ତି ଜଗମୋହନରେ ପଞ୍ଚୁପାଣ୍ଡବ, ଦ୍ରୌପଦୀ ଓ କୁନ୍ତୀଙ୍କ ମୂର୍ତ୍ତି । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ କେଦାରନାଥ ଅନ୍ୟତମ । ପ୍ରଭୁଙ୍କୁ ଆଖି ପୁରାଇ ଦର୍ଶନ କଲୁ । ପୁଣି ସକାଳେ ଦର୍ଶନ ଓ ପୂଜାର ବ୍ୟବସ୍ଥା କଲୁ ଏଠାରେ ପ୍ରଭୁଙ୍କର ପ୍ରାତଃ ପୂଜାକୁ ନିର୍ବାଣ ଦର୍ଶନ ଓ ସଂନ୍ଧ୍ୟା ପୂଜାକୁ ଶୃଙ୍ଗାର ଦର୍ଶନ କୁହାଯାଏ । ପ୍ରାତଃ ପୂଜାରେ ଶୁଭ ପ୍ରଭାତ, ବାଳଭୋଗ,ମହାଭିଷେକ ରୁଦ୍ରାଭିଷେକ ଓ ଶିବ ପୂଜା ଅନୁଷ୍ଠିତ ହୁଏ ।

ସଂନ୍ଧ୍ୟାରେ ଶିବ ଅଷ୍ଟୋତ୍ତର, ଶିବ ସହସ୍ରନାମ, ଶିବ ନାମାବଳୀ, ଶିବ ମହିମା ସ୍ତୋତ୍ର ଓ ଏକାନ୍ତ ସେବା କରାଯାଏ । ବୈଶାଖ ମାସ ଅକ୍ଷୟ ତୃତୀୟାରୁ ମନ୍ଦିର ଖୋଲେ ଓ ଦୀପାବଳୀ ଦିନ ବନ୍ଦ ହୋଇଯାଏ । କେଦାରନାଥ ମନ୍ଦିରର ପୂଜକମାନେ ସଂସ୍କୃତ ବିଦ୍ୟାର୍ଥୀ । ସେମାନେ ଗୁପ୍ତକାଶୀ ଅଞ୍ଚଳର ଅଧିବାସୀ ଓ ଧାର୍ମିକ ଚେତନାଦୀପ୍ତ ଭକ୍ତି ରସରେ ଉଦ୍‌ବୁଦ୍ଧ । ଏଇ ମନ ପ୍ରାଣ ମନ୍ଦିରର ଇତିହାସ, ମନ୍ଦିର ପଛର କାହାଣୀ, କିମ୍ବଦନ୍ତୀ ଜାଣିବାକୁ ଉଚ୍ଚାଟିତ ହେଲା, ଜାଣିବାକୁ ପାଇଲୁ ପୁଷ୍ପ ମଣ୍ଡିତ ମନ୍ଦାକିନୀ ଉପତ୍ୟକାର ନିମ୍ନ ଦେଶରେ ଏଇ କେଦାରନାଥ ଶିବଲିଙ୍ଗ ପାଣ୍ଡବ ମାନଙ୍କ ଦ୍ୱାରା ପ୍ରତିଷ୍ଠା ପାଇଛି । ତାହାପୁଣି ମହାଭାରତ ଯୁଦ୍ଧର ଜୀବହତ୍ୟା ପାପ ଲାଗିବ ନାହିଁ ବୋଲି । ସୁନ୍ଦର କଥା ଟିଏ ଜାଣିବାକୁ ମିଳିଲା ଯେ, ମହାଭାରତ ଯୁଦ୍ଧ ଶେଷରେ ପାଣ୍ଡବ ମାନେ ଶିବଙ୍କୁ ଦର୍ଶନ କରି ଜୀବ ହତ୍ୟା ଓ ଭାତୃହତ୍ୟା ପାପଧୌତ କରିବା ପାଇଁ ଓ ତା ସହିତ ଆଶୀର୍ବାଦ ଭିକ୍ଷା ପାଇଁ ପ୍ରଥମେ ବନାରସ ଯାତ୍ରା କଲେ । ମହାଦେବ କିନ୍ତୁ ପାଣ୍ଡବ ମାନଙ୍କୁ ଦର୍ଶନ ଦେବାକୁ ଅନିଚ୍ଛୁକ ଥିଲେ । ତେଣୁ ସେ କାଶୀରୁ ଉତ୍ତରାଖଣ୍ଡ ଯାଇ ଗୁପ୍ତକାଶୀରେ ଲୁଚି ରହିଲେ । ପାଣ୍ଡବ ମାନେ ଏ କଥା ଜାଣିପାରି ତାଙ୍କୁ ଅନୁସରଣ କଲେ । କେଦାରନାଥରେ ମହାଦେବ ଗୋଟିଏ ଷଣ୍ଢର ରୂପ ନେଇ ଗୋରୁ ଗୋଠରେ ଘାସ ଚରିଲେ । ପାଣ୍ଡବ ମାନେ ଏ କଥା ଜାଣିପାରିନଥିଲେ । ଗୋଧୂଳି ସମୟରେ ଗୋରୁ ଗୋଠ ଫେରିବା ବେଳେ ଭୀମ ଛଦ୍ମବେଶୀ ଷଣ୍ଢରୂପୀ ଶିବଙ୍କ ଗୋଡକୁ ଧରି ପକାଇଲେ । ବିରାଟକାୟ ଭୀମ ନିଜ ଗୋଡ ମେଲା କରିଦେଇଥିଲେ । ତାଙ୍କ ଗୋଡବାଟ ଦେଇ ସବୁ ଗୋରୁ ଚାଲିଗଲେ, ରହି ଗଲେ କେବଳ ଛଦ୍ମବେଶୀ ଶିବ । ଭୀମ ଏହା ଲକ୍ଷ୍ୟ କରି ତାଙ୍କୁ ଧରିବା ପାଇଁ ନଇଁ ପଡିଲେ । ଷଣ୍ଢରୂପୀ ଶିବ ଭୁମି ମଧ୍ୟରେ ତଳକୁ ପଶିଯାଉଥିବା ଅବସ୍ଥାରେ ଷଣ୍ଢ କୁଜର ପଛ ଅଂଶ ଭୀମ ହାତରେ ରହିଗଲା । ପାଣ୍ଡବଙ୍କର ଲକ୍ଷ୍ୟ ସାଧନର ସଫଳତାରେ ଆଶୁତୋଷ ସନ୍ତୁଷ୍ଟ ହୋଇ ସେମାନଙ୍କୁ ଦର୍ଶନ ଦେଲେ ଓ ପାପମୁକ୍ତ କଲେ । ସେହିଦିନଠାରୁ ବୃଷଭ କୁଜ ଆକୃତି ଶିବଲିଙ୍ଗ କେଦାରନାଥ ମନ୍ଦିରରେ ପୂଜା ପାଉଛନ୍ତି ।

କେଦାରନାଥଠାରେ ଆଦି ଶଙ୍କରାଚାର୍ଯ୍ୟଙ୍କ ମନ୍ଦିର ଅଛି । ବାହାର ବେଢାରେ ଐଶାନେଶ୍ୱର ମନ୍ଦିର ଓ ପାଦୁକା କୁଣ୍ଡ ଅଛି । କଳ କଳ, ଛଳ ଛଳ ମନ୍ଦାକିନୀ ବହିଯାଉଛି । ମନପ୍ରାଣ ହରଣ କରିନେଉଛି । ସଂଜ ନଇଁ ଆସୁଥାଏ । ଶୀତର ପ୍ରକୋପ ବଢୁଥାଏ । ମନ୍ଦିର ଦର୍ଶନ ପରେ ରାତ୍ରି ରହଣି । ମନଭରି ନୈଷ୍ଠିକ ଭୋଜନ କରି ନିଗମର ବିଶ୍ରାମ ଗୃହକୁ ଫେରିଲୁ । ଦୁଇ ତିନୋଟି ରେଜେଇ ମଧ୍ୟ ଶୀତ କମେଇ ପାରୁନଥାଏ ଓ ଅମ୍ଳଜାନର ଅଭାବରୁ ନିଶ୍ୱାସ ନେବାକୁ କଷ୍ଟ ହେଉଥାଏ । ଏହି ସନ୍ତସନ୍ତିଆ ସମତଳ ଭୂମି ସମୁଦ୍ର ପତ୍ତନଠାରୁ ୩୫୮୩ ମିଟର ଉଚ୍ଚତାରେ ଅବସ୍ଥିତ । ଏକ ଅଦ୍ଭୁତ ଅନୁଭୂତିରେ ବିଚରଣ କରୁକରୁ କେତେବେଳେ ଆଖି ଲାଗିଗଲା ଜଣାପଡିଲାନି ।

ରାତି ପାହି ଆସୁଥାଏ । ନିତ୍ୟକର୍ମ ସାରି ପ୍ରଭୁଙ୍କ ଦର୍ଶନରେ ବାହାରି ପଡିଲୁ । ପୂଜା ସାମଗ୍ରୀ ଭୋଗ କିଣିବାକୁ ଦୋକାନ ଥାଏ । ଏଠାରେ ପ୍ରାୟତଃ ଶୁଖିଲା ଫଳ ଭୋଗହୁଏ । ନିର୍ଦ୍ଦିଷ୍ଟ ସମୟରେ ଫେରନ୍ତା ଯାତ୍ରା ଆରମ୍ଭ ହେଲା , ପୁଣି ରୁଦ୍ର ପ୍ରୟାଗ ଓ ସେଠାରୁ ବଦ୍ରିନାଥ ।

**ବଦ୍ରିନାଥ -** ରୁଦ୍ର ପ୍ରୟାଗରୁ ବଦ୍ରିନାଥର ଦୂରତା ୧୫୯ କିଲୋମିଟର । ଆମେ ୯୦ କିଲୋମିଟର ଅତିକ୍ରମ କରିସାରିବା ପରେ ଗୋଚର ନାମକ ଏକ ବିସ୍ତୃତ ସମତଳ ଭୂମୀ ପଡିଲା । ଜାଣିଲୁ ବର୍ଷକୁ ଥରେ ଏଠାରେ ଗୋଟିଏ ବାଣିଜ୍ୟ ମେଳା ଲାଗେ, ସମଗ୍ର ଉତ୍ତରାଖଣ୍ଡରୁ ଏହି ଅଞ୍ଚଳକୁ ଲୋକେ ମେଳା ଦେଖିବାକୁ ଆସନ୍ତି ।

**କର୍ଣ୍ଣପ୍ରୟାଗ -** ଗୋଚରଠାରୁ ୧୧ କିଲୋମିଟର ଆଗକୁ ଆସିବା ପରେ ପହଞ୍ଚିଲୁ କର୍ଣ୍ଣପ୍ରୟାଗରେ । ଏଠାରେ ପିଣ୍ଡାରି ଗଙ୍ଗା ନାମକ ଏକ ବରଫ ସ୍ରୋତ ଏବଂ ଅଳକାନନ୍ଦା ମିଳିତ ହୋଇଛନ୍ତି । ମହାଭାରତର କର୍ଣ୍ଣଙ୍କ ନାମ ଅନୁସାରେ ଏହାର ଏହିପରି ନାମକରଣ ହୋଇଛି । ଏଠାରେ ଉମାଦେବୀ ନାମକ ଏକ ମନ୍ଦିର ଅଛି ବୋଲି ଜାଣିଲୁ । କର୍ଣ୍ଣ ଏହିଠାରେ ସୂର୍ଯ୍ୟ ପୂଜାକରି କବଚ କୁଣ୍ଡଳ ଓ ଅଜେୟ ଅସ୍ତ୍ର ଲାଭ କରିଥିଲେ ବୋଲି ବିଶ୍ୱାସ ରହିଛି ।

ଅନବରତ ପ୍ରଭୁଙ୍କ ନାଁ ନେଇ ଆଗକୁ ବଢୁଥିଲୁ । ରାସ୍ତା ଦୁଇ ପଟର ପ୍ରକୃତିକ ସୁଷମାରାଜି ଅନର୍ଣ୍ଣନୀୟ ମନର ଶଙ୍କା, ଦେହର ଥକ୍କା ସବୁ ଉଭେଇ ଯାଉଥିଲା । ଥିଲା କେବଳ ବିହ୍ୱଳପଣ, ପ୍ରଭୂ ଦର୍ଶନ ।

କର୍ଣ୍ଣ ପ୍ରୟାଗରୁ ପ୍ରାୟ ୨୨ କିଲୋମିଟର ଅତିକ୍ରମ କରିବା ପରେ ଅବିଶ୍ୱନୀୟ ପ୍ରାକୃତିକ ପରିବେଶ । ସ୍ଥାନର ନାମ

**ନନ୍ଦପ୍ରୟାଗ -** ଏହି ସ୍ଥାନରେ ଅଳକାନନ୍ଦା ଓ ନନ୍ଦାକିନୀ ଧାରା ମିଳିତ ହୋଇ ସୃଷ୍ଟି କରିଛନ୍ତି ଏ ଦୃଶ୍ୟ । ନନ୍ଦାକିନୀ ବରଫସ୍ରୋତ ନନ୍ଦାଦେବୀ ଶୃଙ୍ଗରୁ ବହି ଆସିଛି ।

ନନ୍ଦପ୍ରୟାଗରୁ ଆସି ଋମୋଲି ଅତିକ୍ରମ କଲୁ । ତା' ପର ଚଟ୍ଟି ସ୍ଥାନ ବା ବିଶ୍ରାମସ୍ଥଳରେ ପହଞ୍ଚିଲୁ । ନାଁ ତାର ପିପଲକୋଟୀ । ଏଇଠି ରହିଛି ବିସ୍ତିର୍ଣ୍ଣ ସବୁଜିମା ରେ ଘେରା ପାହାଡର କୁଞ୍ଜ କୁଞ୍ଜ ଢେଉ ଆଉ ଶାଗୁଆ ସମତଳ । ପିପିଲକୋଟୀରୁ ପାଞ୍ଚ କିଲୋମିଟର ଆଗକୁ ଗଲେ ପଡେ ଗରୁଡଗଙ୍ଗା । ଜାଣିଲୁ ବଦ୍ରିନାଥ ଯେତେବେଳେ ବଦ୍ରିବନ ଗଲେ, ଗରୁଡଙ୍କୁ ଏହି ସ୍ଥାନରେ ଗଙ୍ଗାନଦୀ କୂଳରେ ଛାଡିଥିଲେ । ଦେବଭୂମୀର ସବୁ ସ୍ଥାନ ଚଳଚ୍ଚିତ୍ର ପରଦାର ଦୃଶ୍ୟ ପରି ଆଖି ସାମ୍ନାକୁ ଆସୁଥାଏ ଆଉ ମୁଗ୍ଧ ଚକିତ କରି ପକାଉ ଥାଏ । ଗରୁଡଗଙ୍ଗାରୁ ପ୍ରାୟ ୨୦/୨୫ ମିକୋମିଟର ଆସିବା ପରେ ଯୋଶୀମଠ ନାମକ ଏକ ସହର । ଏହି ସ୍ଥାନରେ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆସ୍ଥାନ ଅଛି । ଏହାକୁ ଜ୍ୟୋର୍ତିମଠ କୁହାଯାଏ । ଏଠାରେ ପ୍ରତିଦିନ ହଜାର ହଜାର ତୀର୍ଥଯାତ୍ରୀ ଦର୍ଶନ ଓ ପୂଜା କରନ୍ତି । ଏହି ମଠ ଆଦିଗୁର ଶଙ୍କରାଚାର୍ଯ୍ୟ ଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଥମ ମଠ । ଶଙ୍କରାଚାର୍ଯ୍ୟ ଏହି ସ୍ଥାନରେ ତପସ୍ୟା କରି ଜ୍ୟୋତିଲାଭ କରିଥିବାରୁ ଏହାର ଏପରି ନାମକରଣ ବୋଲି ବିଶ୍ୱାସ କରାଯାଏ । ଆଦିଗୁରୁ ଶଙ୍କରାଚାର୍ଯ୍ୟ ଭାରତର ଚତୁଷ୍କୋଣରେ ଚାରୋଟି ଧାମ ଓ ମଠ ପ୍ରତିଷ୍ଠା କରିଥିଲେ । ଏହି ମଠରେ ୨୪୦୦ ବର୍ଷର ଏକ କଳ୍ପବଟ ଅଛି । ତା'ଛଡା ଏଠାରେ ରହିଛି ନୃସିଂହ ଓ ଦୁର୍ଗା ମନ୍ଦିର । ଜାଣିଲୁ ଯେ ପ୍ରଭୁ ବଦ୍ରିନାଥ ଜୀ ଶୀତଋତୁରେ ମନ୍ଦିର ବନ୍ଦ ହେଲେ ଛଅ ମାସ ଏହି ନୃସିଂହ ମନ୍ଦିରରେ ପୂଜା ପାଆନ୍ତି । ବଦ୍ରିନାଥ ଓ ମା' ଲକ୍ଷ୍ମୀଙ୍କର ମୂର୍ତ୍ତି ପୂଜା ହୁଏ, ତା ଛଡ଼ା ଯୋଶୀମଠରେ ଅଛି ବାସୁଦେବ ମନ୍ଦିର ଓ ନବଦୁର୍ଗା ମନ୍ଦିର । ଯୋଶୀମଠରୁ ଖୁବ୍ ସୁନ୍ଦର ଦିଶୁଥିଲା ନନ୍ଦାଦେବୀ ଓ ନୀଳକଣ୍ଠ ପର୍ବତର ଶୃଙ୍ଗ ।

# ବଲାଙ୍ଗିରକୁ ୧୦୦କୋଟି ଟଙ୍କାର ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କଳିକେଶ

ବଲାଙ୍ଗିର, (ଦେବାଶିଷ ମିଶ୍ର) : ବଲାଙ୍ଗିର ଜିଲ୍ଲାର ପର୍ଯ୍ୟଟନର ବିକାଶ ପାଇଁ ୧୦୦କୋଟିର ଅନୁଦାନ ଦେବାକୁ ଦାବୀ କରିଛନ୍ତି ବଲାଙ୍ଗିରର ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ । ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି କଳିକେଶ ଦାବୀ କରିଛନ୍ତି ଯେ, ବଲାଙ୍ଗିର ଜିଲ୍ଲାର ହରିଶଙ୍କରଠାରୁ ବରଗଡ ଜିଲ୍ଲାର ନୃସିଂହନାଥକୁ ରୋପୱେ ସଂଯୋଗ ପାଇଁ ଗତ ୨୦୧୮ ମସିହାରେ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ପ୍ରସ୍ତାବ କରାଯାଇଥିଲା । ସେହିପରି ତୁଷୁରା ଏୟାରଷ୍ଟ୍ରୀପକୁ ଉନ୍ନତ କରାଯାଇ ପର୍ଯ୍ୟଟକମାନେ ପହଂଚିବାର ସୁବିଧା କରିବାକୁ ଉଡାନ ଯୋଜନାରେ ସାମିଲ କରାବାକୁ ମଧ୍ୟ ପ୍ରସ୍ତାବ କରାଯାଇଥିଲା । ଠିକ ସେହିପରି ବିଶ୍ୱପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ବଲାଙ୍ଗିର ଜିଲ୍ଲାର ରାଣୀପୁର ଝରିଆଲର ସ୍ୱତନ୍ତ୍ର ସ୍ଥାନ ରହିଛି । କୋଶଳ କଳାମଣ୍ଡଳ ପଡିଆରେ କ୍ରୀଡା, ସାହିତ୍ୟ ଓ ସଂସ୍କୃତି ବିକାଶ ପାଇଁ ବେଶ



ସମ୍ଭାବନା ରହିଛି । ତେଣୁ ଏହି କ୍ଷେତ୍ରଗୁଡିକର ବିକାଶ ନିତ୍ୟାନ୍ତ ଆବଶ୍ୟକ । ଏ ପରିପ୍ରେକ୍ଷୀରେ କୋଶଳକଳା ମଣ୍ଡଳ ପଡିଆରେ ମଲଟିପର୍ପସ ଅଡିଟୋରିୟମ ପାଇଁ ୧୫କୋଟି, ହରିଶଙ୍କରରୁ ନୃସିଂହନାଥକୁ ରୋପୱେ ପାଇଁ ୨୦କୋଟି, ରାଣିପୁର ଝରିଆଲ ପାଇଁ ୧୦କୋଟି, ତୁଷୁରା ଏୟାରଷ୍ଟ୍ରିପର ବିକାଶ ପାଇଁ ୧୫କୋଟି ଦେବାକୁ କଳିକେଶ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ଏହା ସହିତ ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୧୦କୋଟି ଦେବା ସହ ବଲାଙ୍ଗିରକୁ ଏକ ପର୍ଯ୍ୟଟନ ସର୍କିଟ କରିବାକୁ ଶ୍ରୀ ସିଂଦେଓ ଦାବୀ କରିଥିବା ଦଳ ପକ୍ଷରୁ କୁହାଯାଇଛି ।

ତେବେ ଯୁବ ନେତା ତଥା ପୂର୍ବ ସାଂସଦ କଳିକେଶ ନାରାୟଣ ସିଂହଦେଓଙ୍କ ଏଭଳି ଜନ ହିତକର ପଦକ୍ଷେପ ଯୋଗୁଁ ଜନସାଧାରଣରେ ତାଙ୍କ ଖୁବ୍ ପ୍ରଶଂସା କରାଯାଇଥିବା ଜଣାପଡ଼ିଛି ।






## ଓସିଏ ଭିଜନ ୨୦୨୪ : ନାଏକ କ୍ରିକେଟ ଦଳ ୧୦ ୱିକେଟରେ ବିଜୟୀ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟାମ ଠାରେ ଓସିଏ ଭିଜନ ୨୦୨୪ ସିନିୟର ଇନ୍‌ଟ୍ରାକ୍ଲବ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଆଜି ୟଙ୍ଗ ଷ୍ଟୁଡେଂଟ କ୍ରିକେଟ ଦଳ ଓ ନାଏକ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୟଙ୍ଗ ଷ୍ଟୁଡେଂଟ ଦଳ ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୫ ରନ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ୟଙ୍ଗ ଷ୍ଟୁଡେଂଟ ଦଳ ତରଫରୁ ଆଶିଷ ଭୋଇ ୩୪ ରନ, ସୁଭମ କୁମାର ୧୫ ଚରଞ୍ଜିତ ସାହାଣୀ ୧୨ ରନ୍ ସଂଗ୍ରହ କରିଥିଲେ । ନାଏକ କ୍ରିକେଟ ଦଳ ତରଫରୁ ସୁବାଶିଷ ମିରଧା ସର୍ବାଧିକ ୫ ଗୋଟି ୱିକେଟ, ଅଂଶୁମାନ ମିଶ୍ର ୨ ଗୋଟି ଓ ସତ୍ୟଜିତ ସିଂଦେଓ ୨ ଗୋଟି ୱିକେଟ ଅକ୍ତିଆର କରିଥିଲେ । ୯୬ ରନର ଲକ୍ଷ୍ୟକୁ ନାଏକ କ୍ରିକେଟ ଦଳ ବିନା ୱିକେଟ ବିନିମୟରେ ମାତ୍ର ୧୦.୩ ଓଭରରେ ହାସଲ କରି ଅପର ପକ୍ଷକୁ ୧୦ ୱିକେଟରେ ପରାଜିତ କରିଥିଲା । ନାଏକ କ୍ରିକେଟ ଦଳ ତରଫରୁ ରାହୁଲ ସାହୁ ଦ୍ରୁତ ୫୨ ରନ ଓ କିଷାନ ନାୟକ ୨୪ ରନ କରିବା ସହିତ ଆବଶ୍ୟକୀୟ ଲକ୍ଷ ପୁରଣ କରି ନେଇ ଥିଲେ । ଆଜିର ଏହି ମ୍ୟାଚକୁ ଓସିଏ ମାନ୍ୟତା ପ୍ରାପ୍ତ ଅମ୍ପିୟାର ପୃଥ୍ୱୀରାଜ ମିଶ୍ର ଓ ମୁକେଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ସ୍ୱାଗତ ଶୁଭଙ୍କର ଓ ଜଗତ ପ୍ରସାଦ ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ ।

## ବଲାଙ୍ଗିର ସିଆର୍‌ପିଏଫ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ସିଆର୍‌ପିଏଫ୍ ରାଷ୍ଟ୍ର ସେବାରେ ନିଜର ସମର୍ପିତ ୮୨ ବର୍ଷ ପୂରଣ କରିବାକୁ ଯାଉଛି । ଆସନ୍ତା ୧୯ ମାର୍ଚ୍ଚରେ ବାର୍ଷିକୋତ୍ସବ ପାଳନ କରିବ ସିଆର୍‌ପିଏଫ୍ । ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ବଲାଙ୍ଗିର ସିଆର୍‌ପିଏଫ୍ ୧୮୯ ବାଟାଲିଆନ ପକ୍ଷରୁ ବଲାଙ୍ଗିର ରକ୍ତ ଭଣ୍ଡାରର ପ୍ରତ୍ୟକ୍ଷ ସହାୟତାରେ ବଲାଙ୍ଗିର ସିଆର୍‌ପିଏଫ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଗତ ୧୫ ତାରିଖ ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କମାନ୍‌ଡେଂଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ, ସହ କମାନ୍‌ଡେଂଟ ସୁରେନ୍ଦ୍ର କୁମାର ତଥା ଶ୍ରୀମତୀ ନୀନା ଶର୍ମା, ଆଇଟିଆଇ ପ୍ରିନ୍ସପାଲ୍ କମ୍ବୁପାଣି ମେହେର, ସଚିବ ହିତେଶ ସାହୁ, ଗନ୍ଧମାର୍ଦ୍ଦନ ଟ୍ରଷ୍ଟ ତଥା ଗ୍ରୀନ୍ ଏନାର୍ଜି ଏଣ୍ଡ୍ କନ୍‌ଷ୍ଟ୍ରକ୍‌ସନ୍‌ର ଶ୍ରୀମତୀ ଐଶ୍ୱର୍ଯ୍ୟା ଦାଶ ଏହି ଶିବିରରେ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି ଅବସରରେ ସିଆର୍‌ପିଏଫ୍‌ର ଅଧିକାରୀ ତଥା ଯବାନ ସମୂହ, ବଲାଙ୍ଗିର ଆଇଟିଆଇ.ର ଶିକ୍ଷକ ତଥା ବିଦ୍ୟାର୍ଥୀ ମାନେ, ଗ୍ରୀନ୍ ଏନର୍ଜି ଏବଂ ନିର୍ମାଣ ତଥା ଗନ୍ଧମାର୍ଦ୍ଦନ ଫାଉଣ୍ଡେସନ୍‌ର ପ୍ରତିନିଧିମାନେ ସ୍ୱେଚ୍ଛାକୃତ ରକ୍ତଦାନ କରି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ତେବେ ଏହି ଅବସରରେ ୫୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ବଲାଙ୍ଗିର ସିଆର୍‌ପିଏଫ୍‌ର ଏତାଦୃଶ କାର୍ଯ୍ୟକ୍ରମକୁ ରକ୍ତ ଭଣ୍ଡାର ପକ୍ଷରୁ ପ୍ରଶଂସା କରାଯାଇଥିଲା ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu